# ଆହ୍ୱାନ

ମାତୃଭାଷା ଓ ମାତୃଭୂମିର ସଜାଗ ପ୍ରହରୀ

ଓଡିଶାର ପ୍ରଥମ ସଂପୂର୍ଣ୍ଣ ନିଜସ୍ୱ ମାସିକ ସାହିତ୍ୟ ଇ-ପତ୍ରିକା

Volume 1, Issue: 7
August 2006



E-Mail: dr.odia@gmail.com
Web site: http://www.freewebs.com/aahwaan

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ଆମ୍ବପୁଆ ମେଇନ୍ ରୋଡ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

# ଆହ୍ୱାନ

Volume 1, Issue 7, August, 2006


# ସଂପାଦକୀୟ

ଭାରତ ସ୍ୱାଧୀନତାର ୫୯ ବର୍ଷ ପୂର୍ତ୍ତି ହେବା ବେଳେ ଆମେ ତଥାପି ଅନେକ କିଛି ଉପଲବଧି କରିବା ଭଳି ମନେ ହେଉନି। ଯାହା ବି କିଛି ଆଖି ଦୃଶିଆ ଅଭିବୃଦ୍ଧି ହୋଇଛି ତାହା ଅନେକନ୍ତୁ ଆମ ଦେଶର ଗରୀବ ଜନତା ଆଉ ଗରୀବ ଚିନ୍ତାଧାରା ତଳେ ଦବି ରହିଯାଇଛି। ଭାରତ ତଥା ଭାରତର ସମସ୍ତ ନାଗରୀକଙ୍କୁ ନ୍ୟାୟ୍ ପୂର୍ଣ୍ଣ ଜୀବନ ଯାପନର ସୁବିଧା ଯୋଗେଇ ଦେବା ପାଇଁ ଗଢାହୋଇଥିବା ଭାରତୀୟ୍ ସମ୍ବିଧାନ ଋଗଣ୍ ରାଜନୈତିକତାର ଶୀକାର ହୋଇ ଏବେ ମୁଷ୍ଟିମେୟ୍ ରାଜନୀତିଜ୍ଞ ଆଉ କୁଟନୀତିଜ୍ଞ ମାନଙ୍କ ପାଖରେ ବନ୍ଧା ପଡିଛି। ସାମାଜିକ ସମନ୍ୱୟ୍ ଦ୍ୱାହି ଦେଉଥିବା ନେତା ମାନେ ନିଜପାଇଁ ଗଗନଚୁମ୍ବୀ ଅଟ୍ଟାଳିକାମାନ ନିର୍ମାଣ କରି ଦେଶକୁ ଅଧିକରୁ ଅଧିକ ଗରୀବି ଆଡକୁ ଠେଲି ନେଉଛନ୍ତି।

ବିଗତ ବର୍ଷ ଭାରତ ଦେଖିଥିବା ଅନେକ ଘଟଣା ବଳୀରୁ ଅଦ୍ୱିତୀୟ୍ ସଂରକ୍ଷଣ ବା ଆରକ୍ଷଣ ଆମ ଦେଶର ରାଜନୀତିଜ୍ଞ ତଥା ରାଜନୈତିକ ପରିବେଶର ଋଗଣ୍ ମାନସିକତାକୁ ପଦାରେ ପକାଇ ଦେଇଛି। ସମସ୍ତଙ୍କୁ ସମାନ ଅଧିକାର ଦେବାର ମୁଳଦୁଆ ଦେଇ ସୃଷ୍ଟି ହୋଇଥିବା ସମ୍ବିଧାନ ଆଜି କେବଳ ସଂରକ୍ଷଣ ଆଉ ଆରକ୍ଷଣର ବିଷୟ୍ ବସ୍ତୁ ହୋଇ ରହିଯାଇଛି। ବିଗତ ଦଶନ୍ଧିରେ ଭାରତରୁ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାଇଥିବା ଅନେକ ଛାତ୍ର ବିଦେଶରେ ଉଚ୍ଚ ପଦବୀ ପାଇ ଦେଶର ଭଲ ମନ୍ଦ ଭୁଲିଗଲେଣି। ଆମ ଦେଶର ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିମାନେ ଆମ ଦେଶ ଅପେକ୍ଷା ବିଦେଶରେ ରହିବାକୁ ପସନ୍ଦ କଲେଣି କାରଣ ଏଠାରେ ଜ୍ଞାନ ତଥା ଜ୍ଞାନୀ ଅପେକ୍ଷା ସରକାରୀ ଖାତାରେ ଗରୀବି ରେଖା ତଳେ ରହୁଥିବା ଲୋକମାନଙ୍କୁ ଶିକ୍ଷା ତଥା ଚାକିରୀରେ ପ୍ରାଥମିକତା ଦିଆଯାଉଛି।

ଗୋଟିଏ ଶିଶୁ ପ୍ରିନ୍ସ ଦୀର୍ଘ ପଚାଶ ଘଣ୍ଟା ମାଟିର ଗାତରେ ପଡିରହିବା ପରେ ତାହାକୁ ଉଦ୍ଧାର କରାଗଲା। ଅଯାଚିତ ଭାବରେ ତା ଘରେ ଉପହାରର ଭଣ୍ଡାର ହୋଇଗଲା। ସେ ଦୁଇ ଦିନରେ ହୋଇଗଲା ସମଗ୍ର ଦେଶର ନିଜର ପ୍ରିନ୍ସ। ରାଜ୍ୟ ସରକାର ତା'କୁ ଦୁଇଲକ୍ଷ ଟଙ୍କା ଦାନ କଲେ। ଅବଶ୍ୟ କେହି ଏହା ପାଇଁ ପ୍ରଶ୍ନ କରିନଥିଲେ ଯେ ଏତେ ଟଙ୍କା ସେ ଛୋଟ ଛୁଆକୁ କାହିଁକି ଦିଆଗଲା। ତା' ହେଲେ କାଲି ଯଦି ଆଉ କାହାରି ଛୁଆ କୌଣସି ଗାତରେ ପଡିଯାଏ କଣ ସରକାର ଏମିତି ଅନୁକଂପା ମୂଳକ ରାଶି ଦେବେ? ଦ୍ୱିତୀୟ୍‌ତଃ ଯେଉଁ ମଧ୍ୟ ବେତନ ବର୍ଗର ଲୋକଟିଏ ନିଜ ବେତନର ଏକ ଭାଗ ସରକାରଙ୍କୁ ଆୟ୍‌କର ଭାବରେ ଦିଏ ସେ ନିଜ ଦେଇଥିବା ଅର୍ଥର ଏମିତିକା ବ୍ୟବହାର ଦେଖି ରାଗି ନଥିବ କି?

ଆମେ ସ୍ୱାଧୀନ? କେତେ ଦୁର? କେଉଁଠି? କେମିତି? ଆମକୁ ହିଁ ଭାବିବାକୁ ହେବ। ଦିନ ଆସିବ ଯେତେବେଳେ ଭାରତର ଉନ୍ନତି କେହି ଦେଖିବେ ନାହିଁ କାରଣ ସରକାର ଦୀର୍ଘ ପଚାଶ ବର୍ଷରୁ ଉର୍ଦ୍ଧ କାଳ ପଡିରହିଥିବା ଦେଶକୁ ବଞ୍ଚାଇବାର ଚେଷ୍ଟା କରିବେନି। ସମସ୍ତେ କେବଳ ଗରୀବି ହଟାଅ ହଟାଅ କହି ଦେଶର ସଂପତ୍ତି ନଷ୍ଟ କରିବେ। ଯେଉଁମାନେ ସୁଯୋଗ ପାଇବେ ବିଦେଶରେ ଯାଇ ଘର କରିବେ ଆଉ ଆମପରି ମଧ୍ୟବିତ୍ତ ବର୍ଗ ସରକାରଙ୍କ ଉଦାସୀନତାକୁ ସହି ଚୁପ୍ ରହିବା। ଜୟ୍ ହିନ୍ଦ୍।

ଆହ୍ୱାନର ଏହି ସଂସ୍କରଣ ସମୟ୍ ପରେ ପ୍ରକାଶିତ ହେଉଥିବାରୁ ମୁଁ ଦୁଃଖିତ। ଏହି ପତ୍ରିକାର ସଂପାଦନା ପାଇଁ ସମୟ୍‌ର ଅଭାବ ଯୋଗୁଁ ମୁଁ ଏହି ପତ୍ରିକାକୁ ଏହି ମାସରେ ଏକ ସପ୍ତାହ ବିଳମ୍ବରେ ପ୍ରକାଶିତ କରୁଛି। ଏହି ସଂସ୍କରଣରେ ଅନ୍ୟ ସବୁ ବିଷୟ୍ ବ୍ୟତୀରେକ ରହିଛି ଏମାସରେ ଓଡିଶାରେ ଘଟିଯାଇଥିବା କିଛି ସମ୍ବାଦ ଯାହା ଆମେ ଓଡିଆ ସମ୍ବାଦପତ୍ର 'ସମ୍ବାଦ'ରୁ ନେଇଛୁ। ପ୍ରଥମତଃ ଓଡିଶାର ବରେଣ୍ୟ ତଥା ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ବିୟୋଗ, ଦ୍ୱିତୀୟ୍‌ରେ ଦକ୍ଷିଣ ଓଡିଶାର ଶାନ୍ତ ସହର ବ୍ରହ୍ମପୁରରେ ଧର୍ମକୁ ନେଇ ଦଙ୍ଗା ଓ ତୃତୀୟ୍‌ରେ ରହିଛି ଗଜପତିରେ ନକ୍ସଲ ସମସ୍ୟା ଓ ନକ୍ସଲଙ୍କ ଦ୍ୱାରା ଅପହରଣ। ଏହା ବ୍ୟତୀତ ଅନେକ ଲେଖାଦ୍ୱାରା ଏହି ପତ୍ରିକାକୁ ସଂପୂର୍ଣ୍ଣ ପରାଯାଇଛି। ଆଗାମୀ ସଂସ୍କରଣ ପାଇଁ ଲେଖା ଆହ୍ୱାନ କରୁଛୁ। ଧନ୍ୟବାଦ।


ଆମ ଠିକଣା:-

ଡା ଜ୍ୟୋତି ପ୍ରସାଦ ପଟନାୟକ

ଆମ୍ବପୁଆ ମେଇନ୍ ରୋଡ୍

ବ୍ରହ୍ମପୁର-୭୬୦୦୧୦, ଓଡିଶା

ଫୋନ୍: ୯୨୩୮୭୮୫୬୯୮

e-Mail: dr.odia@gmail.com


ଆହ୍ୱାନ

# ୬୦ବର୍ଷର ସ୍ୱାଧୀନତା

୬୦ବର୍ଷର ସ୍ୱାଧୀନତା
ଷାଠିଏ ବର୍ଷର ସ୍ୱାଧୀନତା
ଆହା କି ସୁନ୍ଦର ପରିପକ୍ୱତା
ଚତୁର୍ଦ୍ଦିଗେ ପୁରିଗଲେ ନେତା
ସରକାର ପରେ ସରକାର ଗଢିଲେ ଜନତା

ଦୂର ହେବ ବୋଲି ଜନ ଦୁର୍ଦ୍ଦଶା
ଯୋଜନାରେ ଅଟକଳ
ଭରିଦେଲେ ଟଙ୍କା
ସହର ଓ ଗ୍ରାମେ ଗ୍ରାମେ
ବ୍ୟାଙ୍କ ମାନେ ଖୋଲିଦେଲେ ଖାତା
ଋଣ ଅର୍ଥେ ଗରୀବଙ୍କ
ସଳଖିବ ଅଣ୍ଟା
ଆହା କି ସୁନ୍ଦର ସ୍ୱାଧୀନତା

ଗରୀବିର ରେଖାତଳେ ବଢିଲେ ଜନତା
ଗରୀବଙ୍କ ଟଙ୍କାନେଇ
ନେତା ମନ୍ତ୍ରୀ ଚଢିଲେ କଣ୍ଟେସ୍‌ସା
ଏୟାର କଣ୍ଡିସନ୍ ଘରେ
ମାତାଲ ନେତା
ଗରୀବ ହଟିବ ବୋଲି
କରିଥାନ୍ତି ଚିନ୍ତା
ଆହା କି ସୁନ୍ଦର ନେତା
ଆହା କି ସୁନ୍ଦର ସ୍ୱାଧୀନତା!!!

ହାଣ୍ଡିଶାଳେ ପୁରିଛନ୍ତି ମୂଷା
ପୋଲିସର ପୋଷାକରେ
ଚୋର ଡକାଏତଙ୍କ ବଢିଯାଏ ସଂଖ୍ୟା
ଅଫିସ ଫାଇଲ୍ ଗୋଡେ ଲାଗିଯାଏ ଯୋତା
ଚପରାସୀଠାରୁ ଅଫିସର ଯାଏଁ
ବାଣ୍ଟିଦେଲେ ଟଙ୍କା
ଆହା କି ସୁନ୍ଦର ସ୍ୱାଧୀନତା !!!

ଷାଠିଏ ବର୍ଷର ସ୍ୱାଧୀନତା
ଆହା କି ପରିପକ୍ୱତା
ଦିନ ଦ୍ୱିପହରେ ଜଳୁଥାଏ ବିଜୁଳି ବଳିତା
ରାତିର ଅନ୍ଧକାରକୁ ବଢାଏ ପାୱାର କଟ୍
ଅସୂର ରାଜ ସଂଗେ ବଡେ ଅସୁରକ୍ଷା
ଆଜି ଯଦି ପଡଇ ପତ୍ରିକା
ମନ୍ତ୍ରୀଙ୍କ ଦପ୍ତରରେ
ଶତ୍ରୁ ଦେଶ ଗୁପ୍ତଚର
ଅଙ୍ଗରକ୍ଷକ ମନ୍ତ୍ରୀର
କାଟିଦିଏ ମଥା
ମନ୍ତ୍ରୀଙ୍କ ସୁରକ୍ଷା ପାଇଁ
ଭାରି ମୁଣ୍ଡ ବ୍ୟଥା
ସୁରକ୍ଷା କବଚ ପାଇଁ
ପାଣିପରି ବହିଯାଏ ଟଙ୍କା
ଗରୀବ ହଟିବା ପାଇଁ
ମନ୍ତ୍ରୀମାନେ କରିଥାନ୍ତି ଚିନ୍ତା
ଆହା କି ସୁନ୍ଦର ସ୍ୱାଧୀନତା

ଟାଉଟର ନେତାଙ୍କର
ବଡ ଅଟ୍ଟାଳିକା
ବେଆଇନ୍ ଅଟ୍ଟାଳିକା
କହି ଭଙ୍ଗା ହୁଏ
ଗଡାହେବ ଜନତାଙ୍କ ରାସ୍ତା
ଦୂରହେବ ଜନ ଦୁର୍ଦ୍ଦଶା
ହେରୋଇନ୍ କୋକେନ୍ ମଦ
ସନ୍ତ୍ରାସବାଦ ଏପରି ସମସ୍ୟା
ମାମୁଲି ଖବର ଆଜି
ବମ୍ ପରେ ବମ୍ ଫୁଟେ
ରକ୍ତର ସୁଅ ଛୁଟେ
ବେକାର ଗରୀବ ବଢି
ଏ ଦେଶର ଷାଠିଏ ବର୍ଷର
ଏଇ ସ୍ୱାଧୀନତା
ଆହା କି ସୁନ୍ଦର ସ୍ୱାଧୀନତା !!!

ଡ ମେଜର ଗୌରୀ ପ୍ରସାଦ ମହାପାତ୍ର
ପ୍ରଧ୍ୟାପକ, ବ୍ରହ୍ମପୁର ସିଟି କଲେଜ୍

# ବୋଲ୍‌ବମ୍

ଶ୍ରାବଣ ମାସ ଆସିଗଲେ ଓଡିଶା ସମେତ ସମଗ୍ର ଦେଶରେ ଅନେକ ଯୁବକ, ଯୁବତୀ, ବୃଦ୍ଧ ବୃଦ୍ଧା ବାହାରିପଡନ୍ତି ଏକ ରକମର ପଦଯାତ୍ରାରେ । ଆଜିକାଲି ପ୍ରାୟ ଅଧିକାଂଶ ସ୍ଥାନରେ ସମ୍ଭବତଃ ଶନିବାର ଓ ସୋମବାର ମଧ୍ୟରେ ଆପଣ ମାନେ ପଥାପ୍ରାନ୍ତରେ ଚାଲୁଥିବା ଏମିତି ଅନେକ ଲୋକଙ୍କ ଦେଖିବେ ଯେଉଁମାନେ ଗେରୁଆ ବସ୍ତ୍ର ପରିହିତ ହୋଇ କାନ୍ଧରେ ଗୋଟିଏ ଲମ୍ବା ବାଡିରେ ଶିକା ସଦୃଶ୍ୟ ଦୁଇଟି ସୁସଜ୍ଜିତ କଳସୀ ଝୁଲେଇ ଚାଲୁଥିବେ । ସ୍ଥାନେ ସ୍ଥାନେ ରାସ୍ତା କଡରେ ଗଛର ଛାଇରେ ଏମିତିକା ଅନେକ ଲୋକ ଏକାଠି ବସି ଥକା ମାରୁଥିବା ଦେଖିଥିବେ । କିଏ ଏମାନେ, କାହିଁକି ଏମାନେ ଖରା ବର୍ଷା ସହି ବିନା ଜୋତାରେ ଖାଲିପାଦରେ ଅନେକ ଦୂରତା ଚାଲି ଚାଲି ଯାଆନ୍ତି ।

କୌଣସି ମନ୍ତ୍ରୀ ବା ନେତାଙ୍କ ଅଭ୍ୟର୍ଥନା ନୁହେଁ ଏହା ହେଉଛି ଜଗତର ଦେବତା ଶିବଶଙ୍କରଙ୍କର । ଏମାନଙ୍କୁ କୁହାଯାଏ ଉତ୍ତରଭାରତରେ "କାଁବରୀୟା" ଆଉ ଓଡିଶାରେ ଆମେ କହୁ କଉଡିଆ ଭାଇ ବା ବୋଲବମ୍ ଭକ୍ତ । କାହିଁ କେଉଁ ଅନାଦି କାଳରୁ ଏହି ପ୍ରଥା ହିନ୍ଦୁଧର୍ମାବଲମ୍ବୀ ମାନେ ପାଳି ଆସୁଛନ୍ତି । ଶ୍ରାବଣ ମାସ ଅର୍ଥାତ ଇଂରେଜ କ୍ୟାଲେଣ୍ଡରର ଜୁଲାଇ ମାସ ମଝିରୁ ଅଗଷ୍ଟ ମାସ ମଧ୍ୟ ପର୍ଯ୍ୟନ୍ତ ଏହି ଯାତ୍ରା ଚାଲେ । ଶ୍ରାବଣ ମାସର ପ୍ରତ୍ୟେକ ସୋମବାରଦିନ ରାଜ୍ୟର ପ୍ରାୟ ଅଧିକାଂଶ ଶିବାଳୟରେ ଭକ୍ତମାନଙ୍କ ଭିଡ





ଦେଖିବାକୁ ମିଳେ। ଯେଉଁ ବ୍ୟକ୍ତିମାନ ନିଜ ନିଜ ମନସ୍କାମନା ପୁରଣ କରିବାକୁ ଶିବଙ୍କ ପାଖରେ ମନାସି ଥାଆନ୍ତି ସେମାନେ, ଏହି ମାସରେ ପ୍ରତ୍ୟେକ ସୋମବାର ଦିନ ନିଷ୍ଚୟ ଭାବରେ କୌଣସି ନଦିରୁ ଜଳ ଆଣି ଶିବଲିଙ୍ଗ ଉପରେ ଢାଳିଥାଆନ୍ତି। ଏହା ଏକ କଷ୍ଟ ଦାୟକ ପ୍ରଥା। ଗଞ୍ଜାମ ଜିଲ୍ଲା ତଥା ଦକ୍ଷିଣ ଓଡିଶାର ଅନେକ ସ୍ଥାନରେ ଯେମିତି ବୈଶାଖ ମାସରେ ଦଣ୍ଡନାଚ ହୁଏ ସେମିତି ଏହି ପ୍ରଥା ଦେଶସାର ସବୁସ୍ଥାନରେ ହୁଏ।

ଆମର ଆହ୍ୱାନ ପତ୍ରିକାର ନିୟମିତ ପାଠକ ତଥା ଏଠାରେ ପ୍ରକାଶିତ ଅନେକ ଲେଖାର କୃତି ଲେଖକ ଶ୍ରୀ ସଞ୍ଜୟ ସାହୁ ଜଣେ ନିୟମିତ କଉଡିଆ ବା ବୋଲ୍‌ବମ୍ ଭକ୍ତ। ସେ ଅନେକଥର ବୋଲ୍‌ବମ୍ ଦଳରେ ମିଶି ଏହି ଯାତ୍ରା କରିଛନ୍ତି। ସେ କହିବା ଅନୁସାରେ ଏହି ଯାତ୍ରା ବିଶ୍ୱାସ ପ୍ରସିଦ୍ଧ। ବାବାଙ୍କ ଅମରନାଥ ଯାତ୍ରାର ପରବର୍ତ୍ତୀ ଅଧ୍ୟାୟରେ ଏହି ଯାତ୍ରା ହୁଏ। ଅମରନାଥ ଯାତ୍ରା ହେବା ବେଳେ ଭକ୍ତମାନଙ୍କୁ ଅନେକ ସୁବିଧା ଯୋଗାଇ ଦିଆ ଯାଉଥିବା ବେଳେ ବୋଲ୍‌ବମ୍ ଯାତ୍ରା ବେଳେ ଭକ୍ତ ମାନଙ୍କ ସୁରକ୍ଷାର କୌଣସି ପ୍ରବନ୍ଧ ନଥାଏ। ଏହାର କାରଣ କୁହନ୍ତି ଜଣେ ବରିଷ୍ଠ ପୋଲିସ ଅଫିସର ଯେ ପ୍ରତିବର୍ଷ କଉଡିଆ ମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଆଗ ବର୍ଷମାନଙ୍କ ପରି ଏ ବର୍ଷ ମାନଙ୍କରେ ବୋଲ୍‌ବମ୍ ମାନଙ୍କ ସଂଖ୍ୟାରେ ଆଶାତୀତ ବୃଦ୍ଧି ପାଇଛି। ଆଗ ଏଥିରେ କେବଳ ପୁରୁଷ ମାନେ ଭାଗ ନେଉଥିବା ବେଳେ ଗତ ଦଶ ବର୍ଷରେ ଏଥିରେ ମହିଳା ମାନଙ୍କ ଭାଗିଦାରି ନିଷ୍ଚୟ ଭାବରେ ବଢିଛି।

ଏହି ବର୍ଷ ଅନେକ ସ୍ଥାନରେ ବୋଲ୍‌ବମ୍ ପାଇଁ ଭକ୍ତ ମାନେ ରେଜିଷ୍ଟ୍ରେସନ୍ କରିଥିବା କଥା ବି ଶୁଣାଯାଇଛି। ଅର୍ଥାତ ଯଦି ଆପଣ ବୋଲ୍‌ବମ୍ କରିବାକୁ ଚାହୁଁଥାନ୍ତି ତାହେଲେ କୌଣସି ବୋଲ୍‌ବମ୍ ଦଳରେ ମିଶିଯାଆନ୍ତୁ। ସେମାନେ ଆପଣ କେଉଁଠାରୁ ପାଣି ଆଣିବେ କେମିତି ଯିବେ, କେଉଁଠି ବିଶ୍ରାମ କରିବେ ଆଦି ସମସ୍ତ ବିଷୟ ଦେଖାଶୁଣା କରିବେ। ଆଜିକାଲି ମିନିଟ୍ରକ, ଟ୍ରାକ୍ଟର ଆଦିରେ ବୋଲ୍‌ବମ୍‌ର ପତାକା ମାରି ଅନେକ ଗାଡି ଶିବାଳୟ ବାହାରେ ଠିଆ ହୋଇଥିବା ଦେଖିବାକୁ ମିଳୁଛି। ଅନେକ ବୋଲ୍‌ବମ୍ ଭକ୍ତ ନିଜର ମନସ୍କାମନା ପୁରଣ ପାଇଁ ଯାଆନ୍ତି କିନ୍ତୁ ଏମିତି ବି ଭକ୍ତ ମାନେ ଅଛନ୍ତି ଯେଉଁମାନେ ନିଜର ସ୍ୱାର୍ଥ ବ୍ୟତିରେକ ସମାଜ କଲ୍ୟାଣ ତଥା ବିଶ୍ୱ ଶାନ୍ତି ପାଇଁ ମଧ୍ୟ ଏହି ଯାତ୍ରାରେ ଭାଗ ନିଅନ୍ତି। ସଞ୍ଜୟ ବି ଏହି ମାନଙ୍କ ମଧ୍ୟରୁ ଜଣେ।

ଭୁବନେଶ୍ୱରର ଜନୈକ ଓମ୍‌ଫେଡ୍ ବ୍ୟାପାରୀ ପ୍ରତିବର୍ଷ ବୋଲ୍‌ବମ୍ ଯାତ୍ରାରେ ଭାଗ ନିଅନ୍ତି ହେଲେ ସେ ବିଶ୍ୱଶାନ୍ତି ପାଇଁ ଏମିତିକା ପଦକ୍ଷେପ ନେଉଛନ୍ତି ବୋଲି କୁହନ୍ତି। ସେ ବହୁ ଦୁର ଦୁରରୁ ପାଣୀ ଆଣି ଲିଙ୍ଗରାଜ ମନ୍ଦିରରେ ଶିବ ଲିଙ୍ଗ ଉପରେ ଢାଳି ସାରିଲେଣି। ବିଗତ ବର୍ଷମାନଙ୍କରେ ସେ ଗଙ୍ଗାରୁ ବି ପାଣି ଆଣି ଲିଙ୍ଗରାଜଙ୍କ ମସ୍ତକରେ ଢାଳିସାରିଲେଣି। ଏବର୍ଷ ସେ ୧୦୮ କଳସ ଜଳ ଆଣି ଲିଙ୍ଗରାଜଙ୍କ ଜଳାଭିଷେକ କରିବା ଲକ୍ଷ୍ୟ ରଖିଛନ୍ତି।

ସଞ୍ଜୟ କହନ୍ତି ସେ ଯେତେବେଳେ



ପ୍ରଥମ ଥର ବୋଲ୍‌ବମ୍‌ରେ ଯାଇଥିଲେ ସେ କଟକରୁ ମହାନଦୀ ଜଳ ଧରି ବାହାରିଲା ବେଳେ ବହୁତ ନିରୁତ୍ସାହିତ ମନେ କରିଥିଲେ, ଭାବିଥିଲେ ସେ କଣ ସତରେ ଭୁବନେଶ୍ୱର ପହଞ୍ଚିପାରିବେ? କିନ୍ତୁ ସେ ଯେତେ ଆଗକୁ ଗଲେ ଲୋକଙ୍କ ଉତ୍ସାହ ଦେଖି ସେ ଆହୁରି ଅଧିକ ଉତ୍ସାହିତ ହୋଇପଡିଲେ। କାଠଯୋଡି ବନ୍ଧଉପରେ ଛୋଟ ଶିଶୁବୋଲ୍‌ବମ୍ ଭକ୍ତକୁ ଦେଖି ସେ ଯେତେ ଆଶ୍ଚର୍ଯ୍ୟ ହୋଇଥିଲେ ତା'ଠୁ ଅଧିକ ଆଶ୍ଚର୍ଯ୍ୟ ହୋଇଥିଲେ ଯେତେବେଳେ ସେ ଜଣେ ଅକର୍ମଣ୍ୟ ବ୍ୟକ୍ତିକୁ ଜଳ ନେଇ ଚାଲିଯିବାର ଦେଖିଲେ। ଏହି ଯାତ୍ରା ତାଙ୍କ ଆଖି ଖୋଲି ଦେଇଥିଲା, ଏବଂ ତା'ପରଠାରୁ ସେ ପ୍ରାୟ ବୋଲ୍‌ବମ୍‌ରେ ଯାଇଛନ୍ତି।

ଯେଉଁମାନେ ବୋଲ୍‌ବମ୍‌ରେ ଯିବାକୁ ଚାହାନ୍ତି ସେମାନେ ଯାତ୍ରାର ବହୁ ପୂର୍ବରୁ ବ୍ରାହ୍ମଣଙ୍କ ପାଖକୁ ଯାଇ ସଂକଳ୍ପ କରିଥାଆନ୍ତି। ଆଉ ଶ୍ରାବଣ ମାସସାରା ସେମାନେ ଆମିଷ ଭକ୍ଷଣରୁ ଦୁରରେ ରହିବା ସହିତ ପିଆଜ ରସୁଣ ଆଦି ସମସ୍ତପ୍ରକାର ଖାଦ୍ୟ ବର୍ଜନ କରିଥାଆନ୍ତି। ବିଶେଷକରି ଜଳ ଧରିବା ପରେ ସେମାନେ ପାଟିରେ ଅନ୍ନ ଟିଏ ବି ଦିଅନ୍ତି ନାହିଁ। ଯେତେବେଳ ଯାଏଁ ଜଳାଭିଷେକ କରାଯାଏନି ସେମାନେ ଅନ୍ନର ଦାନାଟିଏ ବି ଖାଆନ୍ତି ନାହିଁ ଆଉ ଏହା ସହିତ ସୋମବାର ଦିନଟି ଉପବାସ କରନ୍ତି। ଦେବାଳୟରେ ଉପଲବ୍ଧ ଭୋଗକୁ ପ୍ରସାଦ ଆକାରରେ ସେବନ କରି ସେମାନେ ଦିନରେ କେବଳ ଥରେ ଖାଦ୍ୟ ଖାଇଥାଆନ୍ତି। ଆଜିକାଲି ରାସ୍ତାରେ ଶୁଦ୍ଧ ସାକାହାରୀ ଅରୁଆ ଅନ୍ନ ବି ବଣ୍ଟାଯାଏ ରାସ୍ତାରେ ଯେତେବେଳେ ଭକ୍ତମାନେ ଜଳ ନେଇ ଯାଆନ୍ତି। ଅନେକ ଭକ୍ତ ସମୟ ପୂର୍ବରୁ ପହଞ୍ଚିଯାଇ ଥାଆନ୍ତି ଆଉ ସେମାନେ ଅପେକ୍ଷା କରିଥାଆନ୍ତି ରାତି ଅଧରୁ ଯେମିତି ମନ୍ଦିର ଦୁଆର ଖୋଲିବ ସେମାନେ ଆଗ ଯାଇ ଜଳ ଦେବାପାଇଁ।

କଟକର ଗଡଗଡିଆ ଘାଟ ଏଇଥି ପାଇଁ ବହୁତ ପ୍ରସିଦ୍ଧ। ଶ୍ରାବଣ ମାସରେ ଏଇଠି ଲକ୍ଷାଧିକ ଭକ୍ତଙ୍କ ସମାବେଶ ହୁଏ। ବୋଲ୍‌ବମ୍ ଭକ୍ତ ମାନେ ନଦୀପଠାରେ ବାଲୁକାରେ ଶିବଲିଙ୍ଗ ନିର୍ମାଣ କରି ଯାତ୍ରା ପୂର୍ବବର୍ତୀ ପୂଜା ସବୁ ସାରିଥାଆନ୍ତି, ଏବଂ ପରେ ସେମାନେ ନଦୀରେ ସାତଥର ବୁଡ ସାରି କଳସୀରେ ଜଳ ଧରନ୍ତି ଆଉ ସେଇ ଜଳକୁ ଗୋଟିଏ ବାହୁଙ୍ଗୀରେ ଦୁଇ ପାଖରେ ଝୁଲେଇ ଦିଅନ୍ତି। ତା'ପରେ ଆରମ୍ଭ ହୁଏ ପଦଯାତ୍ରା। ଯେଉଁ ଭକ୍ତମାନେ ପାଖ ଯାଗାକୁ ଯାଆନ୍ତି ସେମାନେ ଧିରେ ଧିରେ ଚାଲି ଚାଲି ଯାଆନ୍ତି ଆଉ ଯେଉଁମାନେ ଦୁରସ୍ଥାନକୁ ଯିବା କଥା ମନାସି ଥାଆନ୍ତି ସେମାନେ ଅଧିର ହୋଇ ଚାଲନ୍ତି। ଅଧିକାଂଶ ଭକ୍ତ କଟକରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଯାଆନ୍ତି ଆଉ ଅନେକ ଭକ୍ତ କଟକରୁ ପୁରୀ ଶ୍ରୀ ଲୋକନାଥଙ୍କ ପାଖକୁ ଯାତ୍ରା କରନ୍ତି। ଅଧିକାଂଶ ଭକ୍ତ ସମୟର ବହୁ ପୂର୍ବରୁ ଯାତ୍ରା ଆରମ୍ଭ କରନ୍ତି ଯାହା ଦ୍ୱାରା ସେମାନେ ଗନ୍ତବ୍ୟସ୍ଥଳରେ ଠିକ୍ ସମୟରେ ପହଞ୍ଚିପାରିବେ।

କଟକରୁ ପୁରୀ ଯାଉଥିବା ଭକ୍ତମାନେ ଗୁରୁବାର ସକାଳ ଜଳ ଧରନ୍ତି ଆଉ ଧିରେ ଧିରେ ଚାଲି ଚାଲି ପୁରୀରେ ଶନିବାର ମଧ୍ୟାହ୍ନ ସୁଦ୍ଧା ପହଞ୍ଚିଥାନ୍ତି ଏହାପରେ ସେମାନେ ବିଶ୍ରାମ କରନ୍ତି ଆଉ ରାତ୍ରୀ ଗୋଟାଏ ପରେ ସମସ୍ତେ ଲୋକନାଥଙ୍କ ଆଗରେ ଧାଡିଧରନ୍ତି।



ଗଞ୍ଜାମ ଜିଲ୍ଲାରେ ଋଷିକୂଲ୍ୟା, ବଡ ନଦୀ, ବାଘନଦୀ ଆଦି ସ୍ଥାନରେ ଭିଡ ହୁଏ। ଏହି ପରି ଓଡିଶାର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଲୋକମାନେ ଜଳ ନେଇ ଯାଆନ୍ତି। ଏହି ମାସରେ ସବୁଠାରୁ ଅଧିକ ଭକ୍ତଙ୍କ ଗହଳି ଦେଖାଯାଏ, ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜ, ଲୋକନାଥ, ଲଡୁବାବା, କୈଳାଶନାଥ, ଚିନ୍ତାମଣିଶ୍ୱର, ପଞ୍ଚଲିଙ୍ଗେଶ୍ୱର, ଜଟେଶ୍ୱର, ଘଟକେଶ୍ୱର, ଆରଡିଶ୍ୱର, ଧବଳେଶ୍ୱର, କପିଳେଶ୍ୱର, ନାଗେଶ୍ୱର, ଇତ୍ୟାଦି।

ଆଜିକାଲି ଏହି ଯାତ୍ରାକୁ କେନ୍ଦ୍ରକରି ବ୍ୟବ୍‌ସାୟ ଗଢ଼ିଉଠିଲାଣି। ଭକ୍ତମାନେ ବ୍ୟବହାର କରୁଥିବା ବାହୁଙ୍ଗୀ କୁ ସଜାଇବା ପାଇଁ ଅନେକ ପ୍ରକାରର ପ୍ଲାଷ୍ଟିକ୍ ଖେଳନା ଶିବ, ନାଗ ସାପ, ତ୍ରିଶୁଳ ଇତ୍ୟାଦି ମିଳିଲାଣି। ଏଣେ ସେହି ବାହୁଙ୍ଗିରେ ଲାଗୁଥିବା ଏହି ସବୁ ପଦାର୍ଥ ରାତିର ନିଭୃତ ଅନ୍ଧକାରରେ ଉଜ୍ଜଳ ଆଲୋକ ପ୍ରଦାନ ବି କରନ୍ତି। ଏହା ଦେଖି ମନେହୁଏ ଯେମିତି ଭକ୍ତ ମାନେ ବି ଆଜିକାଲି ହାଇଟେକ୍ ହୋଇଗଲେଣି। ଭକ୍ତଙ୍କ ସମାନ୍ତରାଳ ସେମାନଙ୍କ ଦଳର ଗାଡିରେ ବିଭିନ୍ନ ସାମ୍‌ଗ୍ରୀ ବି ଚାଲୁଥାଏ ଏବଂ ସେହି ଗାଡିରେ ମାଇକ୍ ବନ୍ଧା ହୋଇ ବିଭିନ୍ନ ଗୀତ ବାଜୁଥାଏ। କିଛି ବର୍ଷତଳେ ଆସିଥିବା ଭଜନ ''ଆମକୁ ସାଇଡ ଦିଅ ହେ ଆମେ ତ କଉଡୀବାଲା'' ଖୁବ ଲୋକପ୍ରିୟ ହୋଇଥିଲା। ଏହି ବର୍ଷ ବି ସେହି ପରଂପରାକୁ ଅକ୍ଷୁର୍ଣ୍ଣ ରଖି ଅନେକ ବ୍ୟବସାୟିକ କଂପାନୀ ନୁଆ ନୁଆ ଭଜନ କ୍ୟାସେଟ୍ ବଜାରକୁ ଛାଡିଛନ୍ତି। କିନ୍ତୁ ଜାଇଫୁଲଲୋ, ଆଉ ଅନେକ ଶ୍ରୁତି ମଧୁର ଗୀତ ବି ବାଜୁଥିବାର ଶୁଣା ଯାଇଥିଲା।

ଏହି ଯାତ୍ରା ସମୟରେ ଅନେକ ଅସୁବିଧା ଦେଖାଯାଇଥାଏ ଆଉ ସେମାନଙ୍କ ମଧ୍ୟରୁ ପ୍ରଥମ ଥାଏ ଭକ୍ତଙ୍କ ସ୍ୱାସ୍ଥ୍ୟ ଜନିତ ଅସୁବିଧା, ଯଦ୍ୟପି ଅନେକ ଭକ୍ତ ଏହି ଯାତ୍ରାର କଷ୍ଟ ସହିଯାଆନ୍ତି, ଅନେକ ତଥାପି ଏହି ଯାତ୍ରା ସମୟରେ ଏବଂ ପରେ ପରେ ରୋଗବ୍ୟାଧୀରେ

ପଡନ୍ତି । ଆଉ ଏକ ସମସ୍ୟା ହେଲା ଭକ୍ତମାନଙ୍କ ସୁରକ୍ଷା । ଏହି ବର୍ଷ ଓଡିଶାରେ ବିଭିନ୍ନ ସ୍ଥାନରୁ ବୋଲ୍‌ବମ୍ ଯାତ୍ରୀମାନେ ଅସୁବିଧାର ସମ୍ମୁଖିନ ହେବା ଘଟଣା ବିଭିନ୍ନ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରିଥିଲା । ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୁରୁଷୋତ୍ତମପୁର ଠାରେ ଋଷିକୂଲ୍ୟାମୁହାଣରୁ ଜଳ ନେଇ ଆସୁଥିବା ଭକ୍ତଙ୍କୁ ମାରଣାସ୍ତ୍ର ଦେଖାଇ ସେମାନଙ୍କ ଟଙ୍କା ପଇସା ଲୁଟ ହୋଇଥିଲା । ସେମିତି କଟକରେ ପ୍ରତିବର୍ଷ ଏହି ସମୟରେ ନଦୀଧାରରେ କେହି ଭକ୍ତ ବୁଡିଯାଇ ପ୍ରାଣ ହରାଇବା ଘଟଣା ନୂଆ ନୁହେଁ । ଏହି ବର୍ଷ ଶୁଣା ଯାଇଥିଲା ଯେ ଏକ ଟ୍ରେକ୍କର ବସିଯାଉଥିବା ଶିବଭକ୍ତଙ୍କ ସାମନାରୁ ଆସୁଥିବା ବସସହିତ ମୁହାଁମୁହିଁ ଧକ୍କା ହେବା ଦ୍ୱାରା ଛୋଟ ଶିଶୁ ଓ ଡ୍ରାଇଭର ସମେତ ତିନି ଜଣ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ, ଏବଂ ଅନ୍ୟ ପଚିଶିଜଣଙ୍କୁ ଚିକିତ୍ସା ପାଇଁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏହି ବିଷୟରେ ଓଡିଶାର ଜନୈକ ବରିଷ୍ଠ ପଦାଧିକାରୀ ପୋଲିସ ଅଫିସର କହନ୍ତି, "ବୋଲ୍ ବମ୍ କରିବା ନାଆଁରେ ଯଦି ପାଞ୍ଚ ଜଣ ବସିବା ଗାଡିରେ ଆପଣ ପଚିଶି ଜଣଙ୍କୁ ବସାଇ ନେବେ ଆପଣ ଦୁର୍ଘଟଣାର ଶିକାର ହେବେନି ତ ଆଉ କିଏ ହେବ ।

ଅନେକ ଲୋକ ଭାବନ୍ତି ଶ୍ରାବଣ ମାସରେ ବୋଲ୍‌ବମ୍ କରୁଥିବା ଭକ୍ତ ମାନଙ୍କ ନାଆଁରେ ବର୍ତ୍ତମାନ ଚାନ୍ଦା ମାଗିବା ପ୍ରଥା ଆରମ୍ଭ ହେଲାଣି, ଯାହା ଦ୍ୱାରା ଗଣେଶ ପୂଜା ଓ ଦଶହରା ପୂଜା ପୂର୍ବରୁ ସାଧାରଣ ଜନତାଙ୍କୁ ଆଉ ଥରେ ଚାନ୍ଦା ଦେବାକୁ ପଡୀଲାଣି । ଆଉ ଏହି ଯାତ୍ରା ନାଁରେ ଅନେକ ବ୍ୟକ୍ତି ଗାଡିମାନଙ୍କରେ ଆବଶ୍ୟକତା ଠାରୁ ଅଧିକ ଲୋକଙ୍କ ବସାଇ ନେଇ ସେମାନଙ୍କ ଜୀବନ ସହିତ ଖେଳୁଛନ୍ତି । ଆଉ ଅନେକ ଗାଡିରେ ଅନାବଶ୍ୟକ ମାଇକ ଆଦି ଶ୍ରବଣ ଯାନ୍ତ୍ର ଲଗାଇ ଉଚ୍ଚ ସ୍ୱରରେ ବିଭିନ୍ନ ଗୀତ ଲଗାଇ ଶବ୍ଦ ପ୍ରଦୁଷଣ ବି କରୁଛନ୍ତି ।

ସେ ଦିନ ଚାଲିଗଲା କି ଯେତେବେଳେ ଅନ୍ଧାର ରାତିରେ ଘୁଙ୍ଗୁରର ରୁଣୁଝୁଣୁ ଶବ୍ଦ ଶୁଣି ଲୋକେ ବାଟ ଛାଡିଦେଉଥିଲେ ଯେ କଉଡିଆ ମାନେ ଆସୁଛନ୍ତି । ଆଜିକାଲି କଉଡୀଆର ବାହୁଙ୍ଗୀରୁ ବାହାରୁଛି ଅନେକ ସଂଗୀତ । ଯୁଗ ଆଗଉଛି, ଆମେ ବି ଉନ୍ନତି କରୁଛେ । ଆମର ଭକ୍ତି ବି ଉନ୍ନତି କରୁଛି । ଯେଉଁମାନେ ବୋଲ୍‌ବମ୍ ଯାଇପାରନ୍ତି ନାହି ସେମାନେ ଭକ୍ତଙ୍କ ସହତାଳ ମିଶାଇ ବୋଲ୍ ବମ୍ ହର ହର ବମ୍ କହି ମନକୁ ସ୍ୱାନ୍ତନା ଦିଅନ୍ତୁ । ଜୟ ବାବା ଭୋଳାନାଥ ।

**ତଥ୍ୟ:**

**ଶ୍ରୀ ସଞ୍ଜୟ ସାହୁ**

**ଗବେଷଣା ଓ ଉପସ୍ଥାପନା:**

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**



## ସେଇ ଭିଜା ଭିଜା ରାତିର ଭିନ୍ନ ଏକ ସ୍ୱପ୍ନ

**ସୁରଭି ପାଢୀ**

ସେଦିନ ଡ୍ୟୁଟିରୁ ଫେରୁ ଫେରୁ ବୋଉ କହିଲେ, "ପ୍ରସ୍ତାବ ଆସିଛି । ସେମାନେ ଦେଖିବାକୁ ଆସୁଛନ୍ତି ଆସନ୍ତାକାଲି ।"

ଆସନ୍ତାକାଲି ରବିବାର । ଦୀର୍ଘଶ୍ୱାସ ଛାଡୁଥିଲା ମୂର୍ଚ୍ଛନା ।

ପୁଣି ଏକ ପ୍ରହସନ । ସପ୍ତାହରେ ଏକ ମାତ୍ର ଦିନ, ବିଶ୍ରାମର ଦିନ । ତା ପୁଣି ଏମିତି ଭାବରେ କଟିବ । ଭାରି ବିରକ୍ତ ଲାଗୁଥିଲା, ତା'କୁ । ସେ କଣ ଏତେ ଜରୁରୀ? ବିବାହ ନିଶା ଆଉ ତା'ର ନଥିଲା । ନାରୀ କଅଣ ପୁରୁଷ ବିନା ବଞ୍ଚିପାରିବନି? ତାକୁ ପୁଣି କଣ୍ଢେଇଟିଏ ଭଳି ନିଜକୁ ସଜେଇ ଦେବାକୁ ହେବ । ଦେଖଣାହାରୀଙ୍କ ପାଖରେ ଅଭିନୟ କରିବାକୁ ହେବ ।

ରବିବାର । ଫଗୁଣର ଏକ ସୁନ୍ଦର ପାହାନ୍ତି । ନିଦ୍ରାଳସ ହୋଇ ଉଠିଲା ମୂର୍ଚ୍ଛନା- ପ୍ରସ୍ତୁତି କରିବାକୁ ହେବ । କୌଣସି ଆଗ୍ରହ, କୌଣସି ଉତ୍କଣ୍ଠା ବା ଶିହରଣ ନଥିଲା, ତା' ଶରୀରରେ । ଏମିତି ସମସ୍ତେ ଆସନ୍ତି, ଯାଆନ୍ତି ଫଳାଫଳ ଶୂନ୍ୟ । ଅତିଥିଙ୍କ ଗହଣରେ ବରକୁ ଦେଖି ସ୍ତବ୍ଧ ହୋଇଥିଲା ମୂର୍ଚ୍ଛନା । ଓଁକାରଙ୍କର ରାଜାପୁଅ ଭଳି ଚେହେରା, ସୁନ୍ଦ୍ର ହସ । ସଫଟ୍‌ୱେର୍ ଇଂଜିନିୟର, ଖାନଦାନୀ ଘର ।

ଓଁକାର ପସନ୍ଦ ହୋଇଥିଲେ ମୂର୍ଚ୍ଛନାର । କିନ୍ତୁ ଝିଅମାନଙ୍କର ପସନ୍ଦ ମୂଲ୍ୟ କିଛି ନଥାଏ ।

କିନ୍ତୁ ସେଦିନର ଫଳାଫଳ ଟିକେ ମଧୁର ଥିଲା । ଓଁକାର ଓ ତାଙ୍କ ପରିବାରର ପସନ୍ଦ ହୋଇଥିଲା ମୂର୍ଚ୍ଛନା । ମୂର୍ଚ୍ଛନା ବାପା, ମା'ଙ୍କର ଗୋଡ ତଳେ ଲାଗିଲାନି । ମୂର୍ଚ୍ଛନା ଓଠରେ ସ୍ମିତ ହସର ଝଲକ । ମହାପ୍ରସାଦ ନିବନ୍ଧ ଶେଷ ହେଲା । ବିବାହ ଦିନ ଧାର୍ଯ୍ୟ ହେଲା- ଆଷାଢ ଶୁକ୍ଳ ଦ୍ୱିତୀୟା । ପ୍ରସ୍ତୁତି ପର୍ବ ମଧ୍ୟ ଆରମ୍ଭ ହେଲା ।

ଓଁକାରଙ୍କର ପରିବାର ଭାରି ମେଳାପୀ । ଦୁଇ ପରିବାରଙ୍କ ଅବସ୍ଥିତି ଗୋଟିଏ ସହରରେ । ପ୍ରତ୍ୟେକ ପର୍ବପର୍ବାଣୀରେ ଯିବା ଆସିବା ହୁଏ । ଓଁକାର ମଧ୍ୟ ଆସନ୍ତି ଓ ମୂର୍ଚ୍ଛନା ମଧ୍ୟ ଯାଏ । ବିବାହ ପୂର୍ବରୁ ହିଁ ବୋହୁର ମାନ୍ୟତା ପାଇସାରିଥିଲା ଓଁକାରର ପରିବାରରେ ।

ସେଦିନ ଦେବସ୍ନାନ ପୂର୍ଣ୍ଣିମା । ଓଁକାରଙ୍କର ଦୁଇ ଭଉଣୀ ନିଜ ନିଜ ପରିବାର ସହ ଆସିଥାନ୍ତି । ଜଣେ ଗୋଆଲିଅର୍‌ରୁ ଆଉ ଜଣେ ଚଣ୍ଡୀଗଡରୁ । ମୂର୍ଚ୍ଛନାକୁ ଆସି ନେଇଯାଇଥିଲେ ଓଁକାର ।

ସେ ଦିନ ସେ ଭାବି ନଣନ୍ଦେଇ ଓ ନଣନ୍ଦଙ୍କ ଅନୁରୋଧରେ ରହିଯାଇଥିଲା ସନ୍ଧ୍ୟାପର୍ଯ୍ୟନ୍ତ । ବୋଉଙ୍କର ଦୁଇ ତିନିଥର ଫୋନ ଆସିଲାଣି । ଜଲଦି ପଠାଇଦେବା ପାଇଁ ମୂର୍ଚ୍ଛନାକୁ ।

କିନ୍ତୁ ତା'ର ଭାବୁ ଶ୍ୱଶୁର କହିଲେ, "ସମୁଦୁଣୀ, ଏବେ ରହି ପାରୁନ ଆଉ ପନ୍ଦର ଦିନଗଲେ ତ ତୁମ ଝିଅ ଆମର, ସେତେବେଳେ କେମିତି ରହିବ?"

ସନ୍ଧ୍ୟା ଆସର ଚାଲିଥିଲା । ସମସ୍ତେ ବେଶ୍ ଚା କଫି ବିସ୍କୁଟ୍ ମଧ୍ୟରେ ମସ୍ତଥିଲେ । ରାତି ସାଢେ ଆଠଟା ପରେ ମୂର୍ଚ୍ଛନା ବ୍ୟସ୍ତ



ହୋଇପଡିଲା । ଓଁକାର ଆସରରୁ ଉଠିଲେ । ବାଇକ୍ ବାହାର କଲେ । ଶାଶୁ ମନା କରୁଥିଲେ । ରାତ୍ରୀ ଭୋଜନ ପରେ ଯିବ, କିନ୍ତୁ କୌଣସିମତେ ମୂର୍ଚ୍ଛନା ଅନୁମତି ନେଇଆସିଲା ଘରକୁ ଯିବାପାଇଁ ।

ବର୍ଷା ଆସୁଥିଲା । ଓଁକାର କହିଲେ- 'ଶୀଘ୍ର ଚାଲ ନହେଲେ ବର୍ଷା ଆସିଯିବ ।'

ପ୍ରାୟ ସାତ କିଲୋମିଟର ଯିବାକୁ ହେବ । ଝିପିଝିପି ବର୍ଷା ଆରମ୍ଭ ହୋଇସାରିଥିଲା । ଜନମାନବଶୂନ୍ୟ ରାସ୍ତା । ସାଢେ ନ'ଟା ବାଯିବାକୁ ଗଲାଣି । ମୂର୍ଚ୍ଛନା ଏକରକମ ଭିଜି ସାରିଥିଲା । ଦ୍ରୁତ ଗତିରେ ଗାଡି ଛୁଟିଥାଏ ।

ହଠାତ୍ ଏକ ରସିରେ ଧକ୍କା ଖାଇ ଦୁହେଁ ଛିଟିକି ପଡିଲେ । ବାଇକ୍ ତଳେ ପଡି ପଛ ଚକ ଘୁରୁଥିଲା, ଦ୍ରୁତଗତିରେ ।

'ମୂର୍ଚ୍ଛନା' ଚିତ୍କାର କରୁଥିଲେ ଓଁକାର ।

ବିପରୀତ ଦିଗରେ ଏକରକମ ବେହୋସ ହୋଇ ପଡିଥିଲା ମୂର୍ଚ୍ଛନା । ବହୁତ କଷ୍ଟରେ ଉଠିବାକୁ ଚେଷ୍ଟା କରୁଥିଲେ ଓଁକାର । ଘୋଷାରି ହୋଇ କେମିତି ଯେ ପହଞ୍ଚିଯାଇଥିଲେ । ମୂର୍ଚ୍ଛନା ମୁହଁକୁ ତୋଳିଧରି ତାକୁ ହୋସକୁ ଆଣିବାକୁ ଚେଷ୍ଟା କରୁଥିଲେ ସେ । ହଠାତ୍ ବଳିଷ୍ଠ ହାତ ଦେଉଟା ଠେଲିଦେଇଥିଲା ଓଁକାରଙ୍କୁ । କଳାମୁଖାଧାରୀ ଦୁଇତିନିଜଣ ମୂର୍ଚ୍ଛନାକୁ ଉଠାଇ ନେଇ ଯାଉଥିଲେ ରାସ୍ତା ପାର୍ଶ୍ୱରେ ଥିବା ଭଙ୍ଗା ଘର ଭିତରକୁ । ଚିତ୍କାର କଲେ ଓଁକାର ଉଠି ପାରୁନଥିଲେ, ସେଇ ଦୁର୍ଦ୍ଦାନ୍ତ ମାନଙ୍କ ସହ ମୁକାବିଲା କରିବା ପାଇଁ । ଫୋନ୍ କରିବା ପାଇଁ ଦେଖୁଥିଲେ କିନ୍ତୁ ମୋବାଇଲ୍ ଟି ଏହି ଦୁର୍ଘଟଣାରେ କେଉଁଆଡେ ଛିଟିକି ପଡିଥିଲା ।

ଆଉ କିଛି ଉପାୟ ବି ନଥିଲା । ସମୟ ବି ନଥିଲା । ସେଇ କାଳରାତ୍ରୀ ତା କୁକର୍ମ କରିଚାଲିଥିଲା ।

ଆର୍ତନାଦ ଶୁଭୁଥିଲା ମୂର୍ଚ୍ଛନା ମୁହଁରୁ । ଉଠିବାକୁ ଚେଷ୍ଟା କରୁଥିଲେ ଓଁକାର । ପଡିଯାଉଥିଲେ । ପୁଣି ଉଠିଥିଲେ ।

ସେଇ ବର୍ଷା ରାତିରେ ମୂର୍ଚ୍ଛନାର କରୁଣ ମୂର୍ଚ୍ଛନା ଥରକୁ ଥର ସେଇ ଅନ୍ଧାରକୁ ହଲ୍‌ଚଲ୍ କଲା । ଯେତେବେଳେ ଓଁକାର ସେଇଠି ପହଞ୍ଚିଥିଲେ ସବୁ ସରିଥିଲା । ଆହତ କ୍ଷତାକ୍ତ ଶରୀରଟା ଜଡ ନିର୍ଜୀବ ଭଳି ପଡିରହିଥିଲା ।

ତାକୁ କେମିତି ଉଠାଇ ଆଣିଲେ ଓଁକାର ନିଜେ ବି ଜାଣିପାରିଲେ ନାହିଁ ।

ଆଷାଢ ଶୁକ୍ଳ ଦ୍ୱିତୀୟା ପାଇଁଥିବା ସ୍ୱପ୍ନଠାରୁ ସଂପୂର୍ଣ୍ଣ ଭିନ୍ନଥିଲା ସେଇ ବର୍ଷା ଭିଜା ରାତିର ସ୍ୱପ୍ନ । ଦୁଇ ସପ୍ତାହ ପର୍ଯ୍ୟନ୍ତ ଶଯ୍ୟାରୁ ଉଠିପାରିନଥିଲା ସେ । ଆଉ ଓଁକାର 'ଡିପ୍ରେସନ୍' ଭିତରେ ଥିଲେ । ଡିପ୍ରେସନ ଥିଲା କିଛି ନ କରିପାରିବାର ଗ୍ଳାନି ।

ଉଭୟ ଉଭୟଙ୍କ ପରିବାର ଜାଣିବାକୁ ଦେଇନଥିଲେ ସେଦିନ ରାତିରେ କଣ ଦୁର୍ଘଟଣା ଘଟିଥିଲା । ସମସ୍ତେ ଜାଣିଥିଲେ ସାମାନ୍ୟ ଦୁର୍ଘଟଣା ବାସ୍ ସେତିକି । ବାହାଘର ତିଥି ବାତିଲ୍ କରିଦିଆ ଯାଇଥିଲା ।

ଦୁଇମାସ ପରେ ଯେଉଁଦିନ ଓଁକାର ମୂର୍ଚ୍ଛନାକୁ ନେଇ ହସ୍‌ପିଟାଲ୍ ଗଲେ ଚେକ୍‌ଅପ୍ ପାଇଁ ଡାକ୍ତରଙ୍କ ରିପୋର୍ଟ ଚମକାଇ ଦେଇଥିଲା ଦୁଇ ଜଣଙ୍କୁ- ମୂର୍ଚ୍ଛନା ମା ହେବାକୁ ଯାଉଛି । ଦୁଇ ପରିବାରକୁ ଅଜଣା ରହିଲା ନାହିଁ ଡାକ୍ତରଙ୍କ ରିପୋର୍ଟ । ଏମିତି ଭୁଲ୍ କେମିତି ହେଲା??

ମୂର୍ଚ୍ଛନା ଚାହିଁରହିଥିଲା ଓଁକାର ମୁହଁକୁ ପ୍ରଶ୍ନିଳ ଦୃଷ୍ଟିରେ । ଓଁକାର ମୁଣ୍ଡ ତଳକୁ କରି ବସିଥିଲେ । ଅପ୍ରିୟ ସତ୍ୟକୁ କହିବା ପାଇଁ ଆରମ୍ଭ କରୁଥିଲା ମୂର୍ଚ୍ଛନା ।

ତା'ର ହାତକୁ ନିଜ ହାତ ପାପୁଲିରେ ଆବଦ୍ଧ ରଖି ଆତ୍ମୀୟତାର ସହ ଦୁଇ ପରିବାରର ସାମନା କରିଥିଲେ ଓଁକାର । ଉତ୍ତର ଦେଇଥିଲେ ।

'ମୁଁ ଖସି ଯାଇଥିଲି ତଳକୁ । ନିଜକୁ ଅଟକାଇ ପାରିଲି ନାହିଁ । ସେଇ ଦୁର୍ଘଟଣା ଘଟିବା ପୂର୍ବରୁ ।'

ସେଇ ଅସଂପୂର୍ଣ୍ଣ ଉତ୍ତର ମଧ୍ୟରେ ଯଥାର୍ଥ ଉତ୍ତର ଲୁଚି ରହିଥିଲା । ମୂର୍ଚ୍ଛନାର ନିରୀହ ଆଖି ଦୁଇଟା ଓଁକାରଙ୍କର ଅବିଚଳିତ ଆଖି ଦୁଇଟାକୁ କୃତଜ୍ଞତା ଜଣାଉଥିଲେ ।

**ସଂପାଦିକା, ଅଦ୍ୱିତୀୟା, ହିଞ୍ଜିଳିକାଟୁ, ଗଞ୍ଜାମ**



# ଛକରେ ଭୂତ ରହେ?

ଭୂତ ସତରେ ଅଛି କି? ଯଦି ଅଛି ତେବେ ଭୂତ କେଉଁଠି ଥାଏ? ଲୋକ ବିଶ୍ୱାସରେ ଅଛି ଯେ ଭୂତ ଛକ ମାନଙ୍କରେ ରହେ। ଏଭଳି ଧାରଣା କେବଳ ଭାରତ ନୁହେଁ, ବିଶ୍ୱର ପ୍ରାୟ ପ୍ରତ୍ୟେକ ଦେଶରେ ଦେଖିବା କୁ ମିଳେ। ଏହାର କାରଣ କ'ଣ, ସେକଥା ଯଦିଓ ଠିକ୍ ଭାବରେ କହିହେବ ନାହିଁ, ତଥାପି ବିଶ୍ୱାସ କରାଯାଏ ଯେ ସାଧାରଣତଃ ପୁରୁଣା କାଳରେ ଛକ ସ୍ଥାନ ମାନଙ୍କରେ ଅପରାଧୀମାନଙ୍କୁ ଫାସୀ ଦିଆଯାଉଥିଲା। ଅନେକ ପ୍ରଥାରେ ଡାହାଣୀ ବୋଲି ସନ୍ଦେହ କରାଯାଉଥିବା ବ୍ୟକ୍ତିଙ୍କୁ ମାରି ଛକ ଯାଗା ମାନଙ୍କରେ ପୋତି ଦିଆ ଯାଉଥିଲା। ଲୋକମାନେ ମଧ୍ୟ ଛକ ସ୍ଥାନରେ ଥିବା ବଡ ବଡ ଗଛରେ ଫାସୀଦେଇ ଆତ୍ମହତ୍ୟା କରୁଥିଲେ। ଏଣୁ ଛକ ଯାଗା ସହିତ ଭୟ ବିଜଡୀତ ମନ ସଂଶ୍ଲିଷ୍ଟ ହୋଇଗଲା। ପରେ ଧୀରେ ଧୀରେ ଏସବୁ ପୁରୁଣା କୁସଂସ୍କାର ପ୍ରସୂତପ୍ରଥା ସିନା ବନ୍ଦ ହୋଇଗଲା, ଲୋକମାନଙ୍କୁ ଆଉ ରାସ୍ତା କଡରେ ଫାସୀ ଦିଆ ଗଲାନାହିଁ। ତଥାପି ଅନେକ ଛକ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହାକୁ ଭୂତପ୍ରେତ ସହ ଯୋଡି ଦିଆଗଲା। ଏବେ ବି ହିନ୍ଦୁ ଧର୍ମରେ ଅଛି ଯେ ଶୁଦ୍ଧିକ୍ରିୟା ବେଳେ ପରଲୋକଗତ ବ୍ୟକ୍ତିଙ୍କ ପ୍ରେତାତ୍ମାଙ୍କ ପାଇଁ ଖାଦ୍ୟ ଗୋଟିଏ ହାଣ୍ଡିରେ ପୁରେଇ ଏକେ ତିନିଛକିରେ ନିଶାର୍ଧରେର ରଖିଦିଅନ୍ତି। ଏହା ଛଡା, ଅନେକ ଲୋକ ବୟାନ ଦିଅନ୍ତି ଯେ ଛକ ସ୍ଥାନ ମାନଙ୍କରେ ସେମାନେ ଅଶରୀରି ମାନଙ୍କୁ ଦେଖିଛନ୍ତି। ସହରର ଆଲୋକ ମଣ୍ଡୀତ ଛକ ଗୁଡୀକରେ ଅନ୍ଧାରର ସ୍ଥାନ ନଥାଏ ତଥାପି ଲୋକଙ୍କ ମନରୁ ଅନ୍ଧାରୁଆ ଛକର ଭୟ ଏବେ ବି ଯାଇନାହିଁ।

---

## କବିତା ବିଭାଗ

# ବର୍ଷା ହେବ

### ଶୈଳଜ ରବି

ଇନ୍ଦ୍ରକୁ ହେଉନି ସକ୍ !
ଭରା ଶ୍ରାବଣ,
କାଠଯୋଡି ଛାତିରେ ବାଲିବୁହା ଟ୍ରକ୍ !
ସମସ୍ତେ ଖୁଶ୍
ଘାଟବାଲା, ଟ୍ରକବାଲା
ମକାନ୍ ତୋଳୁଥିବା
ଝୁନ୍‌ଝୁନ୍‌ୱାଲା।
ମନ୍ତ୍ରୀ, ଅଫିସର ଖୁଶ୍
ଆଉ ସେମାନଙ୍କ ବସ୍
ଝୁନ୍‌ଝୁନ୍‌ୱାଲା, ଘାଟବାଲା, ଟ୍ରକବାଲା,
ଦାଦା, କଣ୍ଟ୍ରାକ୍ଟର,
ଜମିବାଲା, ଜଙ୍ଗଲବାଲାଙ୍କ କଳାରେ
ଇନ୍ଦ୍ର ଥରହର।
ଥୟ ଧର,
ଲୁହ ଲହୁ ବାମ୍ଫ ହୋଇ ଉପରକୁ ଉଠୁଛି।
ବର୍ଷା ହେବ।

ବନମାଳି ଭବନ, ଖାନ୍‌ନଗର, କଟକ

# ଦୁଷ୍ଟ ବର୍ଷା

### ମହେନ୍ଦ୍ର ସାହୁ

ଦୁଷ୍ଟ ବର୍ଷା
ରାସ୍ତାଟାକୁ
ଠାଏ ଠାଏ
ଏପରି
ପିଛଳ କରି ରଖିଥାଏ ଯେ
ସମ୍ଭାଳି ନ ଚାଲିଲେ ମଲ,

ନ ହେଲେ
କେତେବେଳେ
ଗୋଡ ଖସିଗଲେ
ଦେହଯାକ କାଦୁଅ।

ଦୁଷ୍ଟ ବର୍ଷା



ତା'ଉପରେ ପୁଣି
ଠାଏ ଠାଏ
ଏପରି
ଯୋଜନା କରି ରଖିଥାଏ ଯେ
ତରଳି ନ ଚାଲିଲେ ମଲ,

ନ ହେଲେ
କେତେବେଳେ ତା'ର ବୋଲକରା
ଗାଡି ମଟର ବି
ମେଞ୍ଚାଏ କାଦୁଅ ପାଣି
ଛିଞ୍ଚାଡି ଦେଇଗଲେ
ଚାରିଆଡେ ସନ୍ଦେହ।

କୁଲୁଣ୍ଡି, ସମ୍ବଲପୁର

# ଆସ ବର୍ଷା, ଆସ

### ନକୁଳ ଚନ୍ଦ୍ର ସାହୁ

ଏବେ ଗୋଟେ ମଧ୍ୟାହ୍ନ ଉତୁରୁଛି
ଅଚିହ୍ନା ଠିକଣାରେ ଚିଠିଟିଏ ଯେମିତି !

ଖରାର ଗୋରା ଖଦଡ ଶାଢି
ଶ୍ୟାମଳୀ ବୁଡୀମା'କୁ ମୋ ଖୁବ୍ କାଟୁଚି,

ବର୍ଷା ତ କହିଥିଲା ଆସିବ ବୋଲି
ଗତକାଲି ଆଷାଢ ପୂର୍ଣ୍ଣମୀ ଗଲା

ଆଜି ଶ୍ରାବଣର ପହିଲି ଦିନ
ବର୍ଷା କାହିଁ?
ନୂଆ ବୋହୁଟିଏ ପରି
ଆକାଶରେ ବର୍ଷାର ମୁହଁ ଦେଖାଯାଉ ନାହିଁ।

ଆଖିରୁ ସରିଲାଣି ସବୁଜ ସ୍ୱପ୍ନର କଜ୍ଜଳ
ମରୁଡିର କରାଳ ଛାୟା ଆରମ୍ଭିଲାଣି କଟାଳ
ଅଭାବ, ନିଅଣ୍ଟ ଓ ଭୋକର ତାଲା
ଖୋଲିଲାଣି
ବର୍ଷାକୁ ଅନାଇ ଅନାଇ ଆଖିରୁ ଦୃଷ୍ଟି
କମିଲାଣି !

ଖାଇବୁ କ'ଣ, ଏ ସନ
ବଞ୍ଚିବୁ କେମିତି? କ୍ଷେତରେ ଫଳିଲେ ଶସ୍ୟ
ଦଶରା ବା ଦୋଳକୁ କିଣିଥାନ୍ତି ନବବସ୍ତୁ
ଘରୁ ଧାନ ଗଣ୍ଡିକ ସରିଗଲେ ଆଗକୁ ଉପାସ
!
ମଣିଷ ହତାଶ !

'ଶବ୍ଦ ଘର', ଗୋଡିସାହି, କଟକ

## ଶ୍ରାବଣ ରାତି ଓ ପ୍ରେମିକା

**ବିପ୍ଳବ**

ଆଜି ବରଷା ରାତି ଜଣାପଡେ
ଅଫିମ ରଙ୍ଗର
ଜହ୍ନ ଆତ୍ମହତ୍ୟା କଲାପରେ
ବଉଦ ଭିତରେ
ମୁଁ ଯେମିତି କଳାକାଠ ପଡିଯାଇଚି
ତମେ ଚାଲିଯିବା ପରେ।
ବିଜୁଳି ମାରୁଥିବ ଟର୍ଚ୍ଚ
ଘଡଘଡି ବଜାଉଥିବ ବାଜା
ଏତିକିବେଳେ ତମେ ମନେପଡ
ମନେପଡେ ତମ ସହ ଯେତେ ଥଟ୍ଟା, ମଜା।
ପେଟ୍ରୋଲର ଦର ପରି ଯେତେବେଳେ
ବଢୁଥିବ ରାତିର ବୟସ
ସୁନାମୀ ପରି ହୃଦୟକୁ ଚାଟୁଥିବ
ତମ ଲାଜ ଲାଜ ହସ
ଅଷାଢୁଆ ନଈପରି ମନ ତଳେ ବଢୁଥିବ
ସଇତାନି ଶୋଷ;
ଠିକ୍ ସେତିକି ବେଳେ
ତମେ ମନେପଡ ସାଥୀ
ଆଜି ତମେ ପ୍ରେମିକା ନୁହଁ
ଗୋଟେ ନିଛାଟିଆ ଶ୍ରାବଣ ରାତି।
ଓଦାକରି କରି ନିଆଁ ଫିଙ୍ଗୁଛ ଯେ
ଅନ୍ଧାରେ ଅନ୍ଧାରେ
ଦିଶିଯାଉଛି ମୋତେ ଚଉଦ ବ୍ରହ୍ମାଣ୍ଡ
ଆଜି ମୁଁ ମଣିଷ ନୁହେଁ, ଧୀରେ ଧୀରେ
ପାଲଟି ଯାଉଛି କବନ୍ଧ।

ମୁକୁନ୍ଦପୁର, ବାଙ୍ଗୀ, କଟକ

## ବର୍ଷା

**ଜ୍ୟୋତ୍ସ୍ନା ଦାସ**

ଯାହାକୁ ଭାବୁଛି 'ତମେ ତମେ' ବୋଲି
ତମେ ନୁହଁ ସେଇ
ବର୍ଷା ଆସୁଛି ମୋ ଦାଣ୍ଡପିଣ୍ଡା ଛୁଇଁ।
ତମକୁ ଦେଖିଲେ ଲାଗୁଛି
ବହୁ ବର୍ଷପରେ ବର୍ଷାଇ ଆସୁଛି
ସବୁ ସେମିତି ଅଛି
ସେଇ ଦେହ ସେଇ ମୁହଁ
ତଥାପି ଦେଖିଲେ ସିଏ ତମେ ନୁହଁ
ସବୁ ଖାଲି ମୁହୂର୍ତ୍ତର ମୋହ।

ବାହାରେ ଭେଟିଲି ବର୍ଷା
ଭିତରେ ବି ବର୍ଷା
ବର୍ଷା ଦିନେ ଛୁଇଁଥିଲା ଦେହ ମନ ଓଠ
ବର୍ଷା ଦିନେ ଆଙ୍କିଥିଲା
ତମ ହାତ ଆଙ୍ଗୁଳିରେ ମୋ ଦେହର କିଛି
ଅଂଶ।



ବର୍ଷା ଦିନେ ଲୁଚିଛପି ମୋତେ ଡାକିନେଲା
ତୁମ ମୋ ମିଳନର ବର୍ଷା ସାକ୍ଷୀ ହେଲା।
ତମେ ସିଏ ନୁହଁ
ଯିଏ ଦିନେ ଆଙ୍କିଥିଲା ବର୍ଷାରେ ବର୍ଷାରେ ମୋ
ପୂରନ୍ତ ଦେହ।

ବହୁତ ଭିଜିଲି
ଥଣ୍ଡା ହେଲା ଦେହ ଆଉ ମନ
ଏବେ ଲାଗେ ସତ ସତ ବର୍ଷା ମିଛ ଥିଲା
ମୁହୂର୍ତ୍ତ ଦଂଶନ।

ଦେହର ବି ସୀମାଥାଏ
ଦେହରେ ବି ବର୍ଷା ଆସେ
ଛୁଇଁବା ଛୁଇଁବା ବେଳେ ସବୁ ସରିଯାଏ।

ଏବେ ମୁଁ କାହାକୁ ଭେଟୁଚି ବର୍ଷାରେ ବର୍ଷାରେ
ତମ ଚିତ୍ରିତ ହୃଦୟ ପରି କାହା ହୃଦୟ
ଭିତରେ !!!

ଏଚ୍ ଆଇ ଜି, ୧/୩୮, କପିଳ ପ୍ରସାଦ,
ବିଡିଏ କଲୋନି, ଭୁବନେଶ୍ୱର

## ପ୍ରତୀକ୍ଷା

ରବି ପଣ୍ଡା

ଲୁହ ଡବ ଡବ ଆକାଶ
ଦୁ:ଖିନୀ ନାରୀଟି ପରି
ଦେହ ସାରା ବେଢାଇ ଦେଇ
ତା'ର କଳାକସ୍ତା,
ପୁଞ୍ଜିଭୂତ ତା'ର ସମସ୍ତ
ଅବସାଦକୁ ଲୁହକରି,
ଢାଳି ଦେବାକୁ ଚାହେଁ
ମାଟିର ଛାତିରେ।
ମାଟିତ ଲୁହ ପିଇବାରେ ଅଭ୍ୟସ୍ତ
ଲହୁକୁ ବି ଶୋଷିନେଇ
ଫୁଟାଇ ପାରେ
ରକ୍ତ ଗୋଲାପ।

ମଉସୁମୀ ଆସିଲେ
ମଞ୍ଜରିତ ହୋଇଯାଏ ସ୍ୱପ୍ନ
ସୁରଭିତ ହୋଇଯାଏ ସମୟ
ମନ ଅନ୍ଧ କରିଦିଏ
ଭିଜା ମାଟି ଗନ୍ଧ।

ଆପଣେଇ ନିଏ ମାଟି
ତା'ର ଲୁହ, ତା'ର କୋହ
ତା'ର ଅବଶୋସ, ତୃପ୍ତ ହୁଏ
ପ୍ରତୀକ୍ଷାର ଶୋଷ।

କିନ୍ତୁ ଆକାଶ ଓ ମାଟିର
ଏ ସଙ୍ଗମ ଋତୁରେ
ମୁଁ ଜଳୁଛି, ଜଳୁଛି ବି
ବର୍ଷା ଟିକେ ପାଇଁ
ଜିଉଥିବି ଆଉ କେତେ ଦିନ
ବିରହର ଗୀତ ଗାଇ ଗାଇ?

ଋତୁ ପରେ ଋତୁ ଯାଏ ବିତି
କେବେ କିଆଁ ଆସୁନାହିଁ
ମୋ ଜୀବନରେ ବର୍ଷାଭିଜା ରାତି !!!

ଏମ୍ ବି ଏଚ୍-୮୦, ମଧୁବନ, ପାରାଦ୍ୱୀପ

## ବର୍ଷା ପାଇଁ

ଉମାକାନ୍ତ ରାଉତ
(ଅରୂପ)

ଧଉଳି ଚିତ୍ରଚୁଡାରେ ସ୍ୱପ୍ନ
ଚୂନା ଚନ୍ଦ୍ରର ଛାଇ।

କଳା ବାଦଲର କୋଇଲି ବୁଡରେ
କାନ୍ଦୁଛି ହାରାବାଇ।

ମନ ଚଉତରାରେ ଖେଳେ
ପୁଆଣି ପାଣିର ପୁଚି
ଖତେଇ ହଉଛି ଖରା
ମାରୁଚି ଟିଟିକାରି
ବେଳେ ବୁଡୁ ବୁଡୁ ବଡିଯାଉଅଛି
ବତାସର ବାହାଦୂରି।

ଛଇଳୀର କଅଁଳ ଛାତିକୁ
ଛେଲି ଦେଇଯାଏ
ଛାଇ ସଂଜର ଛୁରୀ
ତଥାପି ବର୍ଷା
ତୁମେ
ବର୍ଷା ପରି ସୁନ୍ଦରୀ !

ଭି ଆଇ ଏମ୍ -୧୭୧, ଶୈଳଶ୍ରୀ ବିହାର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

## ବର୍ଷା: ଭିତରେ ବାହାରେ

ସତ୍ୟନାରାୟଣ ଗନ୍ତାୟତ

କୁନିଝିଅ ଭିଜୁଚି
ବାହାରେ ବର୍ଷାରେ
ମୁଁ ଭିଜୁଛି
ମୋ ଭିତରେ କୋହରେ, ଲୁହରେ।

କୁନି ଝିଅ ଭସାଉଛି କାଗଜର ଡଙ୍ଗା
ବରଷା ପାଣିରେ
ଭାସୁଚି ମୁଁ ନିଜେ ନାଆହୋଇ
ଜୀବନର ଉଜାଣି ନଇରେ।

କୁନିଝିଅ ପଢୁଚି
'ବରଷା କାଳ ଅଟେ ମଙ୍ଗଳକାରୀ'
ମୁଁ ବୁଝିଚି
ବରଷାରେ ଦୁ:ଖ ହୋଇ ଝରଇ ବାରି।





ଏଲ୍ ଆଇ ସି, କସ୍ତୁରୀ ନଗର, ରାୟଗଡା

# ବର୍ଷା ଦିନ

## ଅଜୟ ଜେନା

ସଭିଏଁ କହନ୍ତି ପରା-
ତମ ଆଖି ବେଶ ନୀଳ ନୀଳ
ସନ୍ଧ୍ୟା ପର ଆକାଶଠୁ ବଳି।
ଏବେ କିନ୍ତୁ ଦେଖ-
ଆକାଶ ଓ ମୋ' ଆଖି
ଠିକ୍ ଏକାଭଳି;
ଅନ୍ତତଃ ଏ ବର୍ଷାଦିନ ତକ।

ଚକ୍ରଗଡ, କଟକ

# ବର୍ଷା

## ନର୍ମଦା ସାହୁ

ବର୍ଷା ତୁମେ ଯେବେ ଆସ
ବୋଉ ମୋର କାନି ଟାଣେ
ଘୋଡାଇବାକୁ ଚେଷ୍ଟା କରେ
ଆମ ଭାଇ ଭଉଣୀ ତିନିଜଣକୁ

ବର୍ଷା ତୁମେ ଯେବେ ଆସ
ବୋଉ ମୋର ପେଟ କାଟେ
ମୁଠାଏ ଦାନାକୁ
ଆମ ମଧ୍ୟେ ବାଣ୍ଟି ଖୋଇବାକୁ

ବର୍ଷା ତୁମେ ଯେବେ ଆସ
ବୋଉ ମୋର ବିଲରେ ପଡେ
ମାଛ କଙ୍କଡା ପରି
ବାପା ପାଇଁ ଔଷଧ ଯୋଗାଇବାକୁ

ଖାଙ୍କରପୁର, ପାରାହାଟ, ବାଲିକୁଦା,
ଜଗତସିଂହପୁର

# ବନ୍ୟା

## ସୁଶ୍ରୀ ସସ୍ମିତା ନେପାକ୍

ଆକାଂକ୍ଷାର ବାଦଲ
କାମନାର ବର୍ଷା ହୋଇ
ଝରିଗଲା,
ସେଇ ବର୍ଷା କେବେ ବନ୍ୟା ହେଲା
ମାନ ମହତ ଧୋଇନେଲା
ଜଣାପଡିଲାନି,
ଚେତା ପଶିଲା ବେଳକୁ
ନାହିଁ ଆଉ ବାଦଲ
ନାହିଁ ବି ବର୍ଷା
ସବୁ କିଛି ସଫା ସଫା
ହେଲେ ଖାଲି ବାକି ରହିଯାଉଛି
ବାଲିଚର ଭୂଇଁ ଆଉ
ଉଜୁଡା ସପନ।

ବରପାଲିପଡା, ବଲାଙ୍ଗୀର

# ବର୍ଷା

## ସ୍ୱରୂପ କୁମାର ଆଚାର୍ଯ୍ୟ

ନାଚ କେବେ ଟପ୍ ଟପ୍
ଠପ୍ ଠପ୍
ପୁଣି କେବେ ଦର୍ଦର୍
ଥର୍ଥର୍
ସବୁ ନାଚ ଭଲ ଲାଗେ
ନ ନାଚିଲେ ପେଟ ଖାଲି ଜଳେ।

ଜଡିପାଳ, ବେଲାମ, ସାନକେରକୋ,
ମୟୂରଭଞ୍ଜ



# ଅସତୀ

କାଲି ଯେମିତି ସୁନିତା ବୋଉ କାନ୍ଦୁଥିଲା । ସାହିପଡିଶା ଲୋକ ନିଶ୍ଚୟ ଭାବିଥିବେ ଅଲକ୍ଷଣିଟା। ଗୁଣ ଯୋଗୁଁ ଏମିତି ଦୁର୍ଦ୍ଦଶା ପାଉଛି। ମରଦ ପୁଅଟା ଦିନରେ କେତେ ମେହନତ କରି ଫେରୁଚି, ତୋର କଣ ଏମିତି ବେଳ ଉଛୁର ହେଇଯାଉଛି ଯେ ରାତିରେ କୁଆଡେ ଚାଲିଯାଉଛୁ । ଘରେ ତିନିଚାରି ବରଷର ଛୁଆଟା, ଆଜି ଭଲ ଅଛି ମନ୍ଦ ଅଛି। କାହାର କେତେବେଳେ କଅଣ ହେଇଯିବ, ନିଜର ଗେରସ୍ତର ଭଲ ମନ୍ଦ ବୁଝୁନାହିଁ। ଇଏ କଣ ସବୁ ଠିକ କଥା?

ସାହିପଡିଶା ଲୋକେ ଏ କଥା ବୁଝି ନାହାନ୍ତି। ସୁନିତା ବାପାର ଚରିତ୍ର। ନାରୀ ବୋଲି ସେ ଏ କଥା କାହା ଆଗରେ କହିବ? ହାନି କରୁ କି ଲାଭ କରୁ, ନିଜର ଶଙ୍ଖା ଆଉ ସିନ୍ଥିର ସିନ୍ଦୂର ସାତ ଜନମର ସାଥୀ, ଦେହର ପ୍ରାଣବିନ୍ଦୁ। ଏ କଥା କହିଲେ କଣ ବାହାରକୁ ଭଲ ଦିଶିବ? ବରଂ ଲୋକେ ସେ କଥା ବୁଝିବେନି, ନାକରେ କାଠି ପୁରେଇ ହସିବେ।

ରାତି ପ୍ରାୟ ନଅ ଦଶଟା ହେଲାଣି।



ଶୀତ ଦିନ ବୋଲି ରାତି ଅନ୍ଧକାର ଭିତରକୁ ଠେଲି ହୋଇଗଲାଣି। ଘନ ଅନ୍ଧକାର ସହିତ ଅଖାଲ ଶୀତର ଊର୍ମି ଭିତରେ ଗାଁ ଲୋକ, ସାହି ପଡିଶା ଲୋକ କେତେ ନିଦ ଭାଙ୍ଗିଲେଣି। ହେଲେ ସୁନିତା ବୋଉ ଏ ଯାଏଁ ଫେରିନି। ତିନି ଚାରି ବର୍ଷର ଛୁଆଟା କାନ୍ଦି କାନ୍ଦି ଆଖି ଲୁହକୁ ଗାଲରେ ଶୁଖେଇ ସାରିଲାଣି। ମଦୁଆ ସ୍ୱାମୀର ଏଯାଏଁ ଦେଖା ନାହିଁ। ରାତି ପାଇଁ ଏ ଯାଏଁ ହାଣ୍ଡି ତାତିନି। କେତେବେଳେ ସବୁ କାମ ସରିବ। ଛୁଆଟା ଖାଇବ? ତା'ପରେ ତା ଚିନ୍ତା ଯିବ। କିଛି ଭାବି ପାରୁନଥାଏ ସୁନିତା ବୋଉ। ତଥାପି ଦେହର ମଇଳାଲୁଗା କାନିଟାକୁ ପୁଣି ସଜାଡି ଦେଇ ଛୁଆଟାକୁ ମମତା ଭରା କଣ୍ଠରେ କିଛି କହିଦେଉଥିଲା। ଟିକେ ରହିଯାରେ ବାବୁ, ସାଙ୍ଗେ ସାଙ୍ଗେ ରୋଷେଇ କରିଦେବି, ତୁ ବାପା ଆଉ ମୁଁ ଖାଇଦେବା। ନାଁ ନାଁରେ ବାବୁ ଟିକେ ହସିଦେ ହସିଦେଲୁ, ଓ ଲୋ ମୋ ପିଲାଟା।



ଛୋଟ ଛୁଆଟା ବୁଝିଲାନି କିଛି, ସେ ବୁଝିଥିଲା ଭୋକ ଆଉ ତା'ପାଇଁ ଆବଶ୍ୟକ ଖାଦ୍ୟ। ତରବର ହୋଇ ହାଣ୍ଡିଟିକୁ ଚୁଲ୍ଲାରେ ବସେଇ ଦେଇ ଦି ତିନି ଥର ଫୁଙ୍କି ଦେଲା। ପିଲାକୁ ଚାହିଁ କହୁଥିଲା, ଆ ଜହ୍ନମାମୁ ଶରଗଶଶୀ,

ସକାଳର ପହିଲା ଗାଡିଟା ପେଁ ପେଁ ଶବ୍ଦ କରିଚାଲିଗଲା ଅଥଚ ମଦୁଆ ସ୍ୱାମୀର ଦେଖା ନାହିଁ। କୁଆଡେ ଯାଆନ୍ତି ଯେ କୁହନ୍ତି ନି। ନିଜର ଭାରିଯା ବୋଲି କେବେ ପଚାରିଥିଲେ ଯେ? ରାଗ ତମତମ ହୋଇ ଯାହା ମନକୁ ଆସେ କହନ୍ତି। ସେ ଯା ହେଉ ଦୁଇ ଦିନରୁ ଅଧିକ ବାହାରେ ରହନ୍ତି ନାହିଁ। ଦିନ ଆସି ଦୁଇଟା ବାଜିଲାଣି, ଘରେ ବାସି ତୋରାଣୀ ଟୋପେ ନାହିଁ, ପିଲାଟା କାଲିଠୁ ପେଟ ଭରି ମୁଠାଏ ଖାଇନି, ଯଦି କାନ୍ଦିବ? ତାକୁ ଆଉ ବୁଝେଇ ହେବନି। ଛୁଆଟା କେମିତି ବୁଝିବ, ପେଜ ତୋରାଣି ହେଉ ପଛେ ମୁନ୍ଦେ ଦେଇ ତା ପେଟ ତ ଥଣ୍ଡା କରିବାକୁ ହେବ ନା। ନହେଲେ ପୁଣି ପଡିଶା ଘରେ କଥାବାର୍ତ୍ତା ହେବେ ଟାହି ଟାପରା କରି ହସିବେ, ସେମାନଙ୍କ ଆଉ କି କାମ ଯେ? ଅସୁବିଧାରେ ଥିଲେ ସାହାଯ୍ୟ କରିବା ଦୂରେ ଥାଉ ପଚାରିବେନି ଆଉ ଖାଲି ଖତେଇ ହେବେ ହସିବେ କଥା କହିବେ, ତା ଉପରେ ଏବେ ଯେଉଁ ସମୟ ଆସିଛି।

ଆଜି ଘର ପାଖ ଶିବ ମନ୍ଦିରରେ ଭାରି ଭିଡ ହୋଇଥିଲା। ସାବିତ୍ରୀ ବ୍ରତ କରିବାପାଇଁ ସ୍ତ୍ରୀମାନଙ୍କ ଲାଇନ୍ ଲାଗିଲାଣି। ସକାଳ ପହରୁ ପୁଜାରୀ ନନା ଆସି ଘଣ୍ଟ ବାଡେଇ ଜଣେଇ ଦେଇଛି ସେ ବର୍ତ୍ତମାନ ତୟାର ହେଲାଣି ଆସ ପୂଜା ସାରିଦିଅ। ଫୁଲ, ଧୁପ ଦୀପ ନୈବେଦ୍ୟ, ଆଉ ନଡିଆ, ଖଜା ଇତ୍ୟାଦି ଧରି ସତୀମାନଙ୍କ ଧାଡି ଲାଗିଲାଣି। ସତୀ ଗହଣରେ ପୂଜା ପରବକୁ କିଏ ନିନ୍ଦା ନ କରିବ। ସୁନିତା ବୋଉକୁ



ଭାରି ଭଲ ଲାଗୁଥିଲା। ସେ ବି ମନ୍ଦିର ଯିବା କଥା, ହେଲେ ଯିବ କେମିତି, ଯିଏ ଦି ଓଳି ହେଲା ପେଟରେ ଓଦାକନା ଦେଇ ଶୋଇଛି ସେ ଭୋଗପାଇଁ ନଡିଆ ଥାଉ ପୂଜାରୀର ଦକ୍ଷିଣା ଦେବ କେମିତି? ସାବିତ୍ରୀ ବତ ପରି ଦିନଟାରେ ଭୋଗ ଦାନାଟିଏ ଦେଇ ନ ପାରି ସୁନିତା ବୋଉ କାନ୍ଦି ପକାଇଲା। ଖାଲି ହାତରେ ମନ୍ଦିର ଯିବ କହିଲେ ଲୋକ ଆଉଥରେ ହଜାର କଥା କହିବେ ନିଶ୍ଚୟ। ଦେହ ସୁହା ହୋଇଗଲାଣି ସେ ସବୁ କଥା।

ଗାଁ ଲୋକ ସେମାନେ, ଗାଉଁଲି। ଯାହା ବୁଝିବେ ସେୟା। ନେତା ବକ୍ତା କରି ନିଆଁପାଣି ବନ୍ଦ କରିଦେବେ ଯେ ଶିବ ମହାପ୍ରୁ ନାହିଁ କି ଆଉ କିଏ ନାହିଁ ଏମାନଙ୍କ ଠୁ ବଞ୍ଚାଇବା ପାଇଁ। କଥାରେ ଅଛି କାହାକୁ ସରି ସରି ଗରୀବକୁ ସାତ ସରି। ତା'ପରେ ସୁନିତା ବୋଉ ତ।

ଆଜି ମୁଁ ତତେ କିଛି ଦେଇ ପାରିବିନି। କଣ ଏମିତି କରିପକେଇଲୁ ଯେ ପିଲାଟା ପାଇ ଖୁଦ ଚାଉଳ ମାଗିବସିଛୁ। କଣ? କାମ ଥିଲେ ବି ଦେବି। ନଥିଲେ ବି ଦେବି? ଏଇଟା କେଉଁ ଶାସ୍ତ୍ରରେ ଲେଖା ବା। ଯା ଯା ଆଜିଠୁ ଆଉ ଆସିବୁନି।

ସୁଯୋଗ ଉଣ୍ଡି, ଘର ସଫାଠାରୁ, ମୁଗ



ବିଲ ସଫା କରିବା, ବାସନ ଧୋଇବା, ଲୁଗା ସଫା କରିବା ସୁନିତା ବୋଉ ନିଜେ ହିଁ କରେ। ତେଣୁ ସେ କଇବା ଆରମ୍ଭ କଲା। ହଁ, ବଡ ମାଆ! ଗୁହାଳ ସଫା କରିଛି, ଲୁଗା ଧୋଇଛି, ଗାଇଗୋରୁକୁ ତୋରାଣୀ ପେଇଛି, ଗୋବର ସଫା କରିଛି, ଆଉ ଶାଗ କିଆରିକୁ ବଡେଇଛି ଏଇତ ଦିନ ସମୟଟା ନେଇଯାଇଛି। ଦିପହର ସମୟଟା।

ଆଖି କୋଣରୁ ଝରି ଆସିଲା ଅନ୍ତର୍ବେଦନା ର କୋହ। ଜାଣିପାରିନଥିଲା ସୁନିତା ବୋଉ। ସମାଜରେ ଏମିତି କା ଲୋକ ବି ଅଛନ୍ତି। ଭଗବାନ ଏମିତିକା ଲୋକ ବି ତିଆରି ଛନ୍ତି? ଲୁହଭିଜା ଆଖିରେ ପୁଣି ଅନୁରୋଧ କରିକହିଲେ ବାସିତୋରାଣୀ ଟୋପା ପାଇଁ କାଳେ କାମ କରିବାକୁ ନାହିଁ କରିଦେବେ, ତା'ହେଲେ କା' ଛଣଛପର ତଳେ ମୁଣ୍ଡ ଗୁଞ୍ଜିବେ? ନାଁ ନାଁ ବଡମାଆ, ମୋର କିଛି ଦରକାର ନାହିଁ। ଆପଣଙ୍କ କାମ କରିବାକୁ ମନା କରନ୍ତୁ ନି। ମୋ ପାଇଁ ନ ହେଉ ପଛେ ଛୁଆଟା ପାଇଁ।

ହଉ ହେଲା କହି ବଡମାଆ ଘର ଭିତରକୁ ପଶିଗଲେ। ସୁନିତା ବୋଉ ମନ ଟିକେ ହାଲୁକା ଲାଗିଲା ବଡମାଆଙ୍କ କୃପାରେ କିଛି ମିଳିଲେ, ସବୁ ବେଳେ ତ ଏମିତି ରାଗିବେ ହେଲେ ଦେବେ ନିଶ୍ଚୟ। ଅପେକ୍ଷା ମାନେ ତ ଯନ୍ତ୍ରଣା ପାଇବାଟା ସୁନିଶ୍ଚିତ।

ବଡମାଆ ଆଉ ଫେରିଲେନି। ଗୋରୁକୁଣ୍ଡରୁ ସାତବାସି ତୋରାଣୀ ମୁନ୍ଦିଏ ଥାଳିରେ ଧରି ଫେରିଆସିଲା ସୁନିତା ବୋଉ। ଛୋଟ ଛୁଆର ମୁହଁରେ ଦେବା ପାଇଁ।

ସନ୍ଧ୍ୟା ହୋଇଗଲା। ପକ୍ଷିମାନେ ଘରକୁ ଫେରିଲେଣି, ପାଚିଲା ସୂରୁଜ ଦେବତା ପଶ୍ଚିମ ଆକାଶରେ ମନ ଖୋଲି ହସୁଛନ୍ତି; ଯେମିତି ପରିହାସ କରୁଛନ୍ତି, ତଥାପି ସୁନିତା ବାପାର ଦେଖା ନାହିଁ। ମଥା ଘୁରେଇ ଦେଉଛି ସୁନିତା ବୋଉର। ମଦୁଆ ହେଲେ ବି ନିଜର ସ୍ୱାମୀ ସେ। ତା'ର ଅମଙ୍ଗଳ ସ୍ୱପ୍ନରେ ହେଲେ ବି ଭାବିବନି। ହୁଏତ ଆଉ କିଏ ଭାବିପାରେ। କିନ୍ତୁ ସୁନିତା ବୋଉ ପାରିବନି। ବର୍ତ୍ତମାନ ମନଭିତରେ ସୁନିତା ବାପା ଆଉ କାହା ଦେହର ଉପଭୋକ୍ତା ହୋଇଗଲା ସିନା। ଆଉ କଣ ସୁନିତା ବୋଉ ବାଛିବ? ଇୟେ କଣ ଠିକ୍ କଥା। ଏକଥା ସାହି ପଡିଶା ଲୋକ ଜାଣିଲେଣି। ସମାଜ ଏବେ ବୁଝିଛି ସୁନିତା ବୋଉର ବ୍ୟଥା।


ଏବେ ସୁନିତା ବୋଉର ନିଜର ବୋଲି କେହି ନାହିଁ। ବୋଧହୁଏ ସେ ପ୍ରକୃତରେ ପତିବ୍ରତା ନଥିଲା।

ସେଇଥିପାଇଁ ସକାଳର ପହିଲି ଗାଡିଟା ତା' ସାତ ଜନମର ସାଥୀକୁ ପାଦତଳେ ଦଳିମକଚି କେଉଁ ଆଡେ ଚାଲିଗଲା। ସାବିତ୍ରୀ ବ୍ରତ ଭଳି ଦିନଟାରେ ତା' ସତ୍ୟବାନ ଚାଲିଗଲା। ମନ ଅଥୟ କରି କୋହ ମାଡି ଆସୁଥିଲା ଆଉ କାନ୍ଦି ପାରୁନଥିଲା ସୁନିତା ବୋଉ। ଗାଁ ଲୋକ ନିରବ। ସେମିତିରେ ବି କେହି ଆଗକୁ ଆସୁନଥିଲେ ତା'କୁ ସାହାଯ୍ୟ ହେବାପାଇଁ ଏବେ ତ ସେ ବିଧବା ହେଇଗଲା। ଗରୀବ ବିଧବା ଅନ୍ୟର ଶାଳି। ବଞ୍ଚିବାର ତିଳେ ମାତ୍ର ସ୍ପୃହା ନଥିଲା ତାର। ହେଲେ ଛୁଆଟା ତାକୁ ମରିବାକୁ ଦେଉନଥିଲା। ନହେଲେ ସେ ହିଁ ଚିତା ଉପରେ ଶୋଇଯାଆନ୍ତା।। ନିଜ ସତୀତ୍ୱର ପ୍ରମାଣ ଦିଅନ୍ତା। ଗାଁ ଲୋକ ଜାଣନ୍ତେ ସେ ସତୀ ଆଉ ପବିତ୍ର। ତା ଜୀବନରେ ଆସିଥିବା ଝଡର କାରଣ ସେ ନାହିଁ କି ନଥିଲା।

**କୃପାସିନ୍ଧୁ ପ୍ରଧାନ**
କନ୍ହୁଆ. ରାଜନଗର
କେନ୍ଦ୍ରାପଡା. ଓଡିଶା





**ଓଡିଶାରେ ବନ୍ୟାର କରାଳତା**



# ନନ୍ଦିନୀ ଦେବୀ ଆଉ ନାହାନ୍ତି

ଭୁବନେଶ୍ୱର, ୪।୮ (ଇମିସ): ଓଡିଶାର ପୂର୍ବତନ ମୂଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ଲେଖିକା ନନ୍ଦିନୀ ଶତପଥୀଙ୍କର ଆଜି ରାତି ୮ଟା ୪୫ ମିନିଟରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ଗତ ଦୁଇବର୍ଷରୁ ସାମାନ୍ୟ ଅଳ୍ପ ସମୟ ହେବ ସେ ଶଯ୍ୟାଶାୟୀ





ହୋଇ ପଡିଥିଲେ। ମାତ୍ର କିଛି ଦିନ ହେବ ତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ତେବେ ହଠାତ୍ ତାଙ୍କ ସ୍ଥିତି ଉଦ୍‌ବେଗଜନକ ହେବା କାରଣରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ନିଆଯାଇଥିଲା। ମାତ୍ର ଡାକ୍ତରମାନଙ୍କ ସକଳ ଉଦ୍ୟମ ସତ୍ତ୍ୱେ ନନ୍ଦିନୀ ଦେବୀଙ୍କୁ ବଞ୍ଚାଇ ରଖିବା ସମ୍ଭବ ହୋଇନଥିଲା। କ୍ୟାପିଟାଲ୍ ହସ୍ପିଟାଲ୍ ଡାକ୍ତର ରାତି ୮ଟା ୪୫ ମିନିଟରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରୀମତି ଶତପଥୀଙ୍କ ପରଲୋକର ଖବର ତଡିତ୍ ବେଗରେ ପ୍ରଚାରିତ ହେବାମାତ୍ରେ ଶହ ଶହ ଲୋକ ତାଙ୍କ ସୂର୍ଯ୍ୟନଗରସ୍ଥିତ ବାସଭବନକୁ ଛୁଟିଥିଲେ। ଅତି ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଦଳମତ ନିର୍ବିଶେଷରେ ମନ୍ତ୍ରୀ, ବିଧାୟକ, ବିରୋଧୀ ଦଳ ନେତା ଜାନକୀ ବଲ୍ଲଭ ପଟନାୟକ ଓ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ସମେତ ବିଶିଷ୍ଟ ବ୍ୟକ୍ତିମାନେ, ତାଙ୍କର ପାର୍ଥିବ ଶରୀରକୁ ଶେଷ ପ୍ରଣାମ ଜଣାଇବାକୁ ଉପସ୍ଥିତ ହୋଇଥିଲେ। ୧୦୭, ସୂର୍ଯ୍ୟନଗରସ୍ଥିତ ଶ୍ରୀମତି ଶତପଥୀଙ୍କ ବାସଭବନ ନିମିଷେକରେ ଲୋକାରଣ୍ୟ ହୋଇ ଉଠିଥିଲା।

ଶ୍ରୀମତି ଶତପଥୀ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଥିଲେ। ଏକ ବିପ୍ଳବୀ ପରିବାରରେ ନନ୍ଦିନୀ ଦେବୀଙ୍କ ଜନ୍ମ ହୋଇଥିଲା। ପ୍ରଥିତଯଶା ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ରତ୍ନମଣି ଦେବୀଙ୍କର ସେ କନ୍ୟା ଓ ଓଡିଶାରେ ସାମ୍ୟବାଦ ଆନ୍ଦୋଳନର ପ୍ରବର୍ତ୍ତକ ସ୍ୱର୍ଗତ ଭଗବତୀ ପାଣିଗ୍ରାହୀଙ୍କର ଝିଆରୀ ଥିଲେ। କଟକର ବକ୍ସିବଜାର ନିକଟ ଖ୍ରୀଷ୍ଟିଆନ୍ ସାହି ଯାଚକ ଲେନ୍‌ରେ ୧୯୩୧ ମସିହା ଜୁନ୍ ୯ ତାରିଖ ଦିନ ସେ ଭୂମିଷ୍ଠ ହୋଇଥିଲେ। ପିଲାବେଳୁ ବାପାଙ୍କର ସାହିତ୍ୟ କୃତି ଓ କକାଙ୍କର ବିପ୍ଳବୀ ଚିନ୍ତାଧାରା ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା। ଏବଂ କଲେଜ୍‌ରେ ପାଦ ଦେବାପରଠାରୁ ସେ ବିପ୍ଳବିନୀ





ଭାବରେ ଆବିର୍ଭୂତା ହେଲେ। ରେଭେନ୍ସା କଲେଜରେ ପାଠ ପଢିବା ସମୟରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ୧୯୪୬ ମସିହାରେ କଲେଜ କୋଠା ଉପରୁ ୟୁନିୟନ ଜ୍ୟାକ୍ ପତାକା ଓହ୍ଲାଇ ପୁଲିସ ଜୁଲମର ଶିକାର ହୋଇଥିଲେ। ପରବର୍ତ୍ତୀ ସମୟରେ ୧୯୫୧ରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ସେ ଛାତ୍ର ମାନଙ୍କ ଦରମା ବୃଦ୍ଧି ଦାବି କରି ରେଭେନ୍ସା କ୍ୟାଂପସ୍‌ରେ ସେତେବେଳେ ଚାଲିଥିବା ବିଧାନସଭା ସମ୍ମୁଖରେ ବିକ୍ଷୋଭ କରିଥିଲେ। ବିକ୍ଷୋଭଅ ନିଆଁକୁ ସାମନା କରିବା ପାଇଁ ପୁଲିସକୁ ନାକେଦମ୍ ହେବାକୁ ପଡିଥିଲା। ପ୍ରଥମେ ୧୪୪ ଧାରା ଜାରୀ କରାଗଲା। ଏହାପରେ ବି ନନ୍ଦିନୀଙ୍କ ଛାତ୍ର ବାହିନୀ ପଛଘୁଞ୍ଚା ନ ଦେବାରୁ ପୁଲିସ ଆସି ନିଆଁଲିଭା ହୋସ୍‌ପାଇପ୍‌ରେ ବିକ୍ଷୋଭକାରୀଙ୍କ ଉପରକୁ ଆଖିବୁଜା ପାଣି ଛାଟିଲେ। ସେତେବେଳେ ନନ୍ଦିନୀ ଦେବୀ ଗର୍ଭବତୀ ଥାଆନ୍ତି। ତଥାପି ସାହାସର ସହିତ ସେ ପୁଲିସ କାର୍ଯ୍ୟାନୁଷ୍ଠାନର ସାମନା କରିଥିଲେ। ବାଧ୍ୟହୋଇ ପୁଲିସ ଲାଠିମାଡ କଲା। ଅନେକ ଛାତ୍ରଛାତ୍ରୀ ଆହତ ହେଲେ। ନନ୍ଦିନୀ ଶତପଥୀଙ୍କ ମୁଣ୍ଡ ମଧ୍ୟ ପୁଲିସର ଲାଠିରେ ଫାଟିଥିଲା।

ଶ୍ରୀମତି ଶତପଥୀ ଶିକ୍ଷାରେ ଏମ୍ ଏ ପାସ୍ କରିଥିଲେ ଓ ଛାତ୍ରାବସ୍ଥାରୁ ସାମ୍ୟବାଦୀ ଆନ୍ଦୋଳନରେ ଝାସ ଦେଇଥିଲେ। ଶିକ୍ଷା ପରବର୍ତ୍ତୀ ସମୟରେ ଶ୍ରୀ ଦେବେନ୍ଦ୍ର ଶତପଥୀଙ୍କ ସହ ବିବାହ ହୋଇଥିଲା। କଂଗ୍ରେସ୍ ରାଜନୀତିରେ ସାମିଲ ହେବାପରେ ୧୯୬୦ ମସିହାରେ ସେ ପ୍ରଦେଶ କଂଗ୍ରେସ ମହିଳା ଶାଖାର ପରିଚାଳନା ଦାୟିତ୍ୱ ନେଇଥିଲେ। ୧୯୬୨ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଓ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ଉପମନ୍ତ୍ରୀ ହୋଇଥିଲେ। ୧୯୬୮ ମସିହାରେ ପୁଣିଥରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଓ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତି ଇନ୍ଦିରା ଗାନ୍ଧିଙ୍କ ସହ ତାଙ୍କର ଅତି ଘନିଷ୍ଠ ସଂପର୍କଥିଲା। ଶ୍ରୀମତୀ ଗାନ୍ଧି ନନ୍ଦିନୀ ଦେବୀଙ୍କ ନିର୍ଭିକତା ଓ କାମ କରିବା, ଆଗକୁ ବଢିବାର ଆଗ୍ରହକୁ ଖୁବ୍ ପସନ୍ଦ କରୁଥିଲେ। ୧୯୭୨ରୁ ୧୯୭୩ ଓ ୧୯୭୪ରୁ ୧୯୭୬ ପର୍ଯ୍ୟନ୍ତ ସେ ସଫଳତାର ସହିତ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୭୭ରୁ ୮୦ ପର୍ଯ୍ୟନ୍ତ ସେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ଜନତାଦଳ ପ୍ରାର୍ଥୀ ରୂପେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଉତ୍କଳ ପ୍ରଦେଶ କଂଗ୍ରେସ୍ (ଅର୍ସ) ଦଳରେ ସେ କିଛିଦିନ ପାଇଁ ସଭାନେତ୍ରୀ ଥିଲେ। ପରେ ପୁଣିଥରେ କଂଗ୍ରେସ୍(ଇ) ଦଳରେ ଯୋଗଦାନ କରି ଢେଙ୍କାନାଳ ଜିଲ୍ଲାର ଗଁଦିଆ ନିର୍ବାଚନ ମଣ୍ଡଳୀରୁ ୧୯୮୦ରୁ ୧୯୮୫ ଓ ୧୯୮୫ରୁ ୧୯୯୦, ୧୯୯୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତେବେ ୧୯୮୯ ଓ ୧୯୯୫ ମସିହାରେ ସରକାର ନନ୍ଦିନୀ ଦେବୀଙ୍କୁ ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷା କରି ଆଣିଥିଲେ।




**ଏଠାରେ ଥିବା ସମସ୍ତ ଫୋଟୋ ପଠାଇଛନ୍ତି ଭୁବନେଶ୍ୱରରୁ ଶ୍ରୀ ସଞ୍ଜୟ ସାହୁ। ଏହି ସମ୍ବାଦ ଆମେ ଆଣିଥିଲୁ ଓଡିଶାର ଏକ ପ୍ରମୁଖ ସମ୍ବାଦପତ୍ର 'ସମ୍ବାଦ'ରୁ।**

ବ୍ରହ୍ମପୁର, ଶନିବାର ୫ ଅଗଷ୍ଟ ୨୦୦୬ ସମ୍ବାଦ

# ଡାକ୍ତର ମିଳୁନାହାନ୍ତି

ଭୁବନେଶ୍ୱର, ୪।୮ (ଇମିସ): ପ୍ରଥମ ମୁକାବିଲାରେ ଅନ୍ୟମାନଙ୍କ ଭଳି ଘାଇଲା ହେଲେ ନାହିଁ, ନୂଆ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଦୁର୍ଯ୍ୟୋଧନ ମାଝୀ। ଆକ୍ରମଣର ଆଶଂକା ପୂର୍ବରୁ ହାତଟେକି ଦେଲେ କହିଲେ ଓଡିଶାରେ ସଂପ୍ରତି ୭୧୧ ଡାକ୍ତର ପଦବୀ ଖାଲି ପଡିଛି। କିନ୍ତୁ ଡାକ୍ତର ମିଳୁ ନାହାନ୍ତି।

କଂଗ୍ରେସ ସଭ୍ୟ ଚିରଞ୍ଜିବ ବିଶ୍ୱାଳ ପଚାରିଥିବା ପ୍ରଶ୍ନରେ ଶ୍ରୀ ମାଝୀ କହିଥିଲେ ଯେ ଜଗତସିଂହ ପୁର ଜିଲ୍ଲାରେ ୧୭ଟି ଡାକ୍ତର ପଦବୀ ଖାଳି ପଡିଛି। ଆଉ ଯେଉଁ ସ୍ଥାନରେ ଡାକ୍ତର ନାହାନ୍ତି ସେ ସ୍ଥାନକୁ ଅନ୍ୟ ସ୍ଥାନରୁ ଡାକ୍ତରଙ୍କୁ ପଠାଯାଇଛି। ଶ୍ରୀ ବିଶ୍ୱାଳ ପଚାରିଲେ, ଜିଲ୍ଲାରେ କେତୋଟି ହସ୍ପିଟାଲ୍‌ରେ ବର୍ଷେରୁ ଉର୍ଦ୍ଧ ସମୟ ହେଲା ଡାକ୍ତର ଅନୁପସ୍ଥିତ? ଆଉ କେଉଠି ଡାକ୍ତର ଥାଇ ବି ଯାଉନାହାନ୍ତି? ଏଇଠି ପାଇଁ





ସରକାର କି ପ୍ରକାର ପଦକ୍ଷେପ ନେଉଛନ୍ତି? ମନ୍ତ୍ରୀ କହିଲେ ୬ଟୀ ପିଏଚ୍‌ସିରେ ଡାକ୍ତର ନାହାନ୍ତି । ସେଇଥି ପାଇଁ ନିକଟସ୍ଥ ପି ଏଚ ସି ଓ ସି ଏଚ ସିରୁ ଡାକ୍ତରଙ୍କୁ ପଠାଯାଉଛି ଯେଉଁମାନେ ସପ୍ତାହରେ ଦିନେ ଦୁଇ ଦିନ ସେଠାକୁ ଯାଇ ରୋଗୀସେବା କରୁଛନ୍ତି।

ସ୍ୱାଧୀନ ସଭ୍ୟ ରୁଦ୍ରମାଧବ ରାୟଙ୍କ ପ୍ରଶ୍ନ, କେମିତି ଏହି ଲଗାତାର ଡାକ୍ତର ଅଭାବର ନିବାରଣ ହେବ? ଏହାର ଉତ୍ତରରେ ମନ୍ତ୍ରୀ କହିଲେ, ରାଜ୍ୟରେ ୭୧୧ ଡାକ୍ତର ପଦବୀ ଖାଲି ଅଛି । ଗଲାବର୍ଷ ସରକାରଙ୍କ ଦ୍ୱାରା ୪୦୦ ଡାକ୍ତର ପାଇଁ କୁହାଯାଇଥିଲା କିନ୍ତୁ ମିଳିଲା ମାତ୍ର ୧୭୫। ଏ ବର୍ଷ ୨୨୫ ଜଣଙ୍କ ପାଇଁ ଅନୁରୋଧ କରାଯାଇଥିଲା, ମିଳିଲେ ସବୁ ୫୪ ଜଣ। ସେଥିପାଇଁ ଅଧିକ ଡାକ୍ତରମାନଙ୍କ ଆବଶ୍ୟକତା ଦୃଷ୍ଟିରୁ ଆୟୁର୍ବେଦିକ ଓ ହୋମିଓପ୍ୟାଥି ଡାକ୍ତରଙ୍କ ପାଇଁ କୁହାଯାଇଥିଲା, କିନ୍ତୁ ଏହା ବର୍ତ୍ତମାନ ସୁଧା କୋର୍ଟରେ ବିଚାରାଧୀନ ଥିବା ଯୋଗୁ ପଠାଇବା ସମ୍ଭବ ହେଉନି।

କେବିକେ ଜିଲ୍ଲା ମୁଖ୍ୟାଳୟକୁ ଯିବା ପାଇଁ ରାଜି ହେଉଥିବା ଡାକ୍ତରଙ୍କ ସରକାର ୨୦୦୦ ଟଙ୍କା ଅଧିକ ଭତ୍ତା ଦେଉଛନ୍ତି। ଏସବୁ ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା ଡାକ୍ତର ମାନଙ୍କୁ ୫୦୦୦ ଟଙ୍କା ଅଧିକ ଦରମା ମିଳୁଛି। ଅଧିକ ଡାକ୍ତର ପାଇଁ ତିନି ସରକାରୀ ମେଡିକାଲ୍ କଲେଜରେ ୧୦୭ ସିଟ୍ ବଢାଇ ଦିଆଯାଇଛି, ଏହା ବ୍ୟତୀତ ହାଇଟେକ୍ ମେଡିକାଲ୍ କଲେଜରେ ୧୦୦ ସିଟ୍ ତଥା ଅନ୍ୟ ଏକ ପ୍ରାଇଭେଟ ମେଡିକାଲ୍ କଲେଜରେ ୬୦ ସିଟ୍ ପାଇଁ ଅନୁମୋଦନ କରାଯାଇଛି।

ବିଜେପି ବିଧାୟକ ଡ ବିଭୁତିଭୂଷଣ ହରିଚନ୍ଦନଙ୍କ ଅତିରିକ୍ତ ପ୍ରଶ୍ନ ଅପ୍ରତ୍ୟାଶିତ ଭାବରେ ଆସିଥିଲା, ସେ କହିଲେ, ଆମେ ଯେତେ ଚେଷ୍ଟା କଲେ ବି ଡାକ୍ତରୀ ପଦବୀ ଖାଲି ରହିବ। କାରଣ ଆଠ ବର୍ଷ ପାଠ ପଢ଼ିବା ପରେ ଯଦି ଆମେ ସାଡେ ଆଠ ହଜାର ଦରମା ଦେବା କିଏ କାହିଁକି ଏଇଠି ରହି ଚାକିରୀ କରିବ? ଯେତେବେଳେ ପଡୋଶୀ ରାଜ୍ୟମାନଙ୍କରେ ଡାକ୍ତର ମାନଙ୍କ ପ୍ରାରମ୍ଭିକ ବେତନ ୨୫ ହଜାରରେ ଆରମ୍ଭ ହୁଏ। ଏହାର ଉତ୍ତରରେ ମନ୍ତ୍ରୀ କହିଲେ, ଆର୍ଥିକ ପରିସ୍ଥିତି କୁ ଦେଖି ଏହା କହିବା ସମ୍ଭବ ହେବନି, କିନ୍ତୁ ଚେଷ୍ଟା କରିବା ଡାକ୍ତରମାନଙ୍କ ଦରମା ବୃଦ୍ଧି କରିବା ପାଇଁ।



# ଉତ୍ତର ଓଡିଶାରେ ମେଡିକାଲ୍ କଲେଜ୍ ପାଇଁ ସରକାରଙ୍କ ମନ ମହଙ୍ଗା କାହିଁକି?

କୁଳମଣି ବାରିକ

ବାଲେଶ୍ୱର: ଉତ୍ତର ଓଡିଶାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଗଲେ, ଏହା ଉପରେ ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାର ପ୍ରାୟ ୭୨ ଲକ୍ଷ ଲୋକ ସାଙ୍ଗକୁ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲାର ସବୁ ଲୋକ, ପଶ୍ଚିମ ମେଦିନୀପୁର ଜିଲ୍ଲା ଏବଂ ଝାଡଖଣ୍ଡର କିଛି ଇଲାକାର ଲୋକ ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରନ୍ତେ। ଫଳରେ ଏହାଦ୍ୱାରା ପ୍ରାୟ ୧ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଲାଭବାନ ହୁଅନ୍ତେ। ତେଣୁ ରାଜ୍ୟ ସରକାର ଘରୋଇ ମେଡିକାଲ୍ କଲେଜ କଥା ଛାଡି ଉତ୍ତର ଓଡିଶାରେ ସରକାରୀ ମେଡିକାଲ୍ କଲେଜ କରିବାକୁ ସାଧାରଣରେ ଜୋରଦାର ଦାବୀ ହେଉଛି।

ମୟୁରଭଞ୍ଜ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ସେତେବେଳର କଟକ କଲେଜ ବା ବର୍ତ୍ତମାନର ରେଭେନ୍‌ସା କଲେଜର ଗୃହ ନିର୍ମାଣ ପାଇଁ ୨୭ ହଜାର ଟଙ୍କା ଦେବା ସହିତ ସେତେବେଳର କଟକ ମେଡିକାଲ୍ ସ୍କୁଲ୍ ବା ବର୍ତ୍ତମାନର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ ପାଇଁ ୭ ହଜାର ଟଙ୍କା ଦାନ କରିଥିଲେ। ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ରେଭେନ୍‌ସା କଲେଜ ପାଇଁ ୩୦ ହଜାର ଟଙ୍କା

ଓ କଟକ ମେଡିକାଲ୍ ସ୍କୁଲ୍ ପାଇଁ ୧୦ ହଜାର ଟଙ୍କା ଦାନ ଦେଇଥିଲେ। ଏହାବାଦ ମଧ୍ୟ ସେମାନେ ବିଭିନ୍ନ ସମୟରେ କଟକ କଲେଜ ଓ ମେଡିକାଲ୍ ସ୍କୁଲ୍‌କୁ ବହୁ ଅର୍ଥଦାନ କରିଥିଲେ। ଏବେ ରାଜ୍ୟ ସରକାର ଉତ୍ତର ଓଡିଶାରେ ମେଡିକାଲ୍ କଲେଜ ସ୍ଥାପନ ପାଇଁ ଅର୍ଥ ଦେବା ଉଚିତ। ଅଖିଳ ଭାରତ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ ବା ଏମ୍‌ସ ପରି ଦେଶରେ ୬ଟି ରାଜ୍ୟରେ ଗୋଟିଏ ଲେଖାଏଁ ସୁପର ସ୍ପେସିଆଲିଟି ହସ୍ପିଟାଲ୍ ପ୍ରତିଷ୍ଠା କରାଯିବାକୁ ୩୩୨ କୋଟି ଟଙ୍କା ଲେଖାଏଁ ଅର୍ଥବ୍ୟୟ ହେବବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଅମ୍ବୁମଣୀ ରାମଦୋସ କହିଛନ୍ତି । ଉତ୍ତର ଓଡିଶାରେ ରାଜ୍ୟସରକାର ମେଡିକାଲ କଲେଜ କରିବା ପାଇଁ ଏତିକି ଟଙ୍କା କିମ୍ବା ଏହାଠାରୁ କମ୍ ୧୫୦/୨୦୦ କୋଟି ଟଙ୍କା ଲାଗିପାରେ। ଓଡିଶା ସରକାର ପ୍ରତିବର୍ଷ ୩୦ହଜାର କୋଟି ଟଙ୍କାରୁ ଅଧିକ ଟଙ୍କା ବ୍ୟୟ କରୁଛନ୍ତି। ଚାରୋଟି ଜିଲ୍ଲାର ମାନବସମ୍ବଳ ବିକାଶ ପାଇଁ ସରକାର କଣ ୧୫୦/୨୦୦ କୋଟି ଟଙ୍କା ବ୍ୟୟ କରିପାରିବେନି?

### ସ୍ୱାସ୍ଥ୍ୟସେବା ଏକ ଆକଳନ:

ଉତ୍ତର ଓଡିଶା ଜନସଂଖ୍ୟା ୭୨ଲକ୍ଷ- ମେଡିକାଲ କଲେଜ ନାହିଁ

ପଣ୍ଡିଚେରୀ ଜନସଂଖ୍ୟା ୯ ଲକ୍ଷ ୭୪ ହଜାର- ୫ ଟି ମେଡିକାଲ କଲେଜ

ତାମିଲ୍‌ନାଡୁ ଜନସଂଖ୍ୟା ୭ କୋଟି- ୧୨ଟି ମେଡିକାଲ କଲେଜ

ରାଜ୍ୟସରକାର ଯେହେତୁ ଦକ୍ଷିଣ ଓଡିଶା ଓ ପଶ୍ଚିମ ଓଡିଶା ପାଇଁ ମେଡିକାଲ କଲେଜ ପ୍ରତିଷ୍ଠା କରିଛନ୍ତି, ସେହି ନ୍ୟାୟରେ ଉତ୍ତର ଓଡିଶାପାଇଁ ନିଜସ୍ୱ ଅର୍ଥରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ଉଚିତ।

ସରକାର କହୁଛନ୍ତି ଘରୋଇ ପାର୍ଟି ଉତ୍ତର ଓଡିଶାରେ ମେଡିକାଲ କଲେଜ କରିବେ। ଭାରତରେ ଅଳ୍ପ କେତୋଟି ଘରୋଇ ମେଡିକାଲ କଲେଜକୁ ଛାଡିଦେଲେ ଅନ୍ୟ ଘରୋଇ ମେଡିକାଲ କଲେଜର ଚିକିତ୍ସା ପାଇଁ ଉଚ୍ଚହାର ଦେୟ ଦେବାକୁ ହୁଏ। ମେଡିକାଲ କଲେଜରେ କେତେ ପିଲା ପଢିବେ ବଡ କଥା ନୁହେଁ, ଅସଲ କଥା ହେଲା ଉନ୍ନତ ମାନର ଚିକିତ୍ସା ସୁବିଧା। ଦିଲ୍ଲୀ ଏମ୍‌ସରେ ଏମ୍‌ବିବିଏସ୍ ସିଟ୍ ସଂଖ୍ୟା ଗତ ଶିକ୍ଷାବର୍ଷରେ ଥିଲା ମାତ୍ର ୫୦, କିନ୍ତୁ ଦୈନିକ ହଜାର ହଜାର ରୋଗୀସାଙ୍ଗକୁ ୧୬୫୦ଟି ବେଡ। ଏହାର ବେଡ ସଂଖ୍ୟାକୁ ୪ ହଜାରକୁ ବଢ଼େଇଦିଆ ଯିବାକୁ ଯୋଜନା ଚାଲିଛି। ବାଲେଶ୍ୱରରେ 'ପ୍ରୁଫ୍' ଓ 'ଆଇଟିଆର୍' ଭଳି ପ୍ରତିରକ୍ଷା ବିଭାଗର ଦୁଇଟି ଗୁରୁତ୍ୱପୂର୍ଣ୍ଣ ୟୁନିଟ୍ ଥିବାରୁ ପ୍ରତିରକ୍ଷା ବିଭାଗ ତଥା କେନ୍ଦ୍ର ସରକାର ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ଜରୁରୀ।



# ଶାନ୍ତିର ସହରରେ ଅଶାନ୍ତି

ଜାନକୀକାନ୍ତ ପଟ୍ଟନାୟକ

ଦକ୍ଷିଣ ଓଡିଶାର ସାମାଜିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହର ଦୁଇ ସପ୍ତାହ ଧରି ଚର୍ଚ୍ଚାର ବଳୟକୁ ଆସିଯାଇଛି। ସବୁଦିନେ ବ୍ରହ୍ମପୁର ଓଡିଆ-ତେଲୁଗୁ, ହିନ୍ଦୁ-ମୁସ୍‌ଲିମ୍ ସହଭାଗିତାର ସହର ହୋଇ ଆସିଛି। ସେମିତି କିଛି ଅଘଟଣ ନ ଘଟିଲେ ତିକ୍ତତା ସୃଷ୍ଟି ପାଇଁ କେହି ସହଜେ ବାହାରନ୍ତି ନାହିଁ ଏଠାରେ। ନିଜ ବୃତ୍ତି ସମ୍ଭାଳିବାରେ ସମୟ ଯାଏ, ପିଲାକବିଲାଙ୍କ ସୁଖଦୁ:ଖ ପାଇଁ ବଳକା ସମୟ। ଗଣ୍ଡଗୋଳ କରିବାପାଇଁ ଫୁରୁସତ କାହିଁ?

ବ୍ରହ୍ମପୁରକି ଯିଏ ବି ସହର କହିଲେ ସୁଦ୍ଧା ଏହା ଗୋଟିଏ ବଡ ଗାଁ। ଲମ୍ବା ଚଉଡାରେ ସାତ ଆଠ କିଲୋମିଟର କଥା। ଫାଷ୍ଟ ଗେଟରେ ଖଇଫୁଟିଲେ ଗେଟ୍ ବଜାର ଜାଣିବ, ବିଜିପୁରରେ ବୋମା ଫୁଟିଲେ ଖୋଡାସିଙ୍ଗିକୁ ଶୁଭିବ। ଗାଁ ଗହଳିରେ ଯେମିତି ସାରା ଗାଁ ଗୋଟିଏ କୁଟୁମ୍ବ ଭଳି ସେହିପରି ବ୍ରହ୍ମପୁରରେ ଭାଇଚାରାର ଉଦାହରଣ ଯଥେଷ୍ଟ ରହିଛି। ଦୂର୍ଗାପୂଜା ହେଉ କି ବକ୍ରିଦ୍, ଉଭୟ ସଂପ୍ରଦାୟ ମିଳିମିଶି ଆନନ୍ଦ ବାଣ୍ଟନ୍ତି। ମାତ୍ର ଛୋଟ ବଡ ଘଟଣାକୁ ନେଇ ଏଠି ତିକ୍ତତା ଭିଆଇବାକୁ ଲୋକଙ୍କର ଅଭାବ ନାହିଁ। ଏମିତି ଥରେ ବ୍ରହ୍ମପୁରରେ ହୋଇଥିଲା ଚର୍ଚ୍ଚପୋଡି। ଅପରାଧୀକୁ ଆଇନ୍ ଯାହା ଦଣ୍ଡଦେଲା, ବଳକା ଦଣ୍ଡଦେଲେ ପ୍ରଭୁ ଯୀଶୁ। ଏବେ ଜୁଲାଇ ୨୭ ଓ ୨୮ ତାରିଖଥିଲା ସହରବାସୀଙ୍କ ପାଇଁ ଯନ୍ତ୍ରଣାପୂର୍ଣ୍ଣ ଦୁଇଟି ଦିନ। ବାହାରୁ ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ଲୋକ ଗୋମାଂସ ଆଣିବା ଓ ତାକୁ ନେଇ ସହରରେ ପୋଡାଜଳା



ଘଟଣା ଅକାରଣରେ ତିକ୍ତତାର ସୂତ୍ରପାତ କଲା ଦୁଇ ସଂପ୍ରଦାୟ ମଧ୍ୟରେ। ଏଥିରୁ ଫାଇଦା ଉଠାଇଲେ ସମାଜ ବିରୋଧୀ ତତ୍ତ୍ୱ ମାନେ। ସମାଜ ବିରୋଧୀଙ୍କର ନିଜର ବୋଲି କିଛି ଧର୍ମ ନାହିଁ, ନାହିଁ ସେମାନଙ୍କର ସଂପ୍ରଦାୟ ଚରିତ୍ର। ସେମାନଙ୍କ


ପରିଚୟ ସମାଜ ବିରୋଧୀଭାବେ, ହୋଇପାରନ୍ତି ହିନ୍ଦୁ, ମୁସ୍‌ଲିମ୍ ଅବା ଶିଖ୍- ସାମାଜିକ ଅସ୍ଥିରତା ସୃଷ୍ଟିକରି ଲୋକଙ୍କୁ ତତାଇବା ଓ ମତାଇବା ସେମାନଙ୍କର କାମ।

ଅଶାନ୍ତ ବ୍ରହ୍ମପୁର

ବ୍ରହ୍ମପୁର ସହର କେବେ ଘନ ଘନ ବୋମା ମାଡ ତ ଆଉ କେବେ ଖଣ୍ଡା କାତିରେ ଆକ୍ରମଣ ହେବା ଘଟଣାକୁ ନେଇ ଅଶାନ୍ତ ହୋଇ ଉଠିଥାଏ। ଗତ ଦୁଇ ତିନିଦିନ ଧରି ବ୍ରହ୍ମପୁର ଏକ ପ୍ରକାର ଅଶାନ୍ତ ହୋଇ ରହିଛି। କେବେ ବିଜିପୁର ଗୋଷ୍ଠୀ ସଂଘର୍ଷ ତ' ଆଉ କେବେ ଲାଞ୍ଜିପଲ୍ଲୀରେ ଅଧଘଣ୍ଟା ମଧ୍ୟରେ ୩୦ଟି ବୋମାମାଡକୁ ନେଇ ସହରରେ ଅଶାନ୍ତର ଝଲକ ଦେଖାଦେଇଛି। ତେବେ ଗତ ସପ୍ତାହ ଅଶାନ୍ତି ଥିଲା ଅନ୍ୟ ଏକ କାରଣରୁ।

### ଘଟଣାର ପ୍ରେକ୍ଷାପଟ

ଜୁଲାଇ ୨୬ତାରିଖ ୨୦୦୬ ଅପରାହ୍ନ ଚାରିଟା। ବ୍ରହ୍ମପୁର ମାର୍ଥାପେଟା ସାହିରେ ସମ୍‌ସାର ମହମ୍ମଦ ନାମକ ଜଣେ ବ୍ୟକ୍ତି ଗୋମାଂସ ବିକ୍ରି କରିବା ପାଇଁ ନେଉଥିବା ବେଳେ ବଜରଙ୍ଗ ଦଳର କର୍ମୀମାନେ ତାକୁ ଧରିଥିଲେ। ଗତ କିଛି ଦିନଧରି ସ୍ଥାନୀୟ ଲୋକ ଓ ବଜରଙ୍ଗ ଦଳର କର୍ମୀ ମାନେ ସମ୍‌ସାରର ପିଛା କରୁଥିଲେ। ଖୋର୍ଦ୍ଧା ଜିଲ୍ଲା ହରିପୁର ଗ୍ରାମର ସମ୍‌ସାର କିନ୍ତୁ



ସେଦିନ ବଜରଙ୍ଗ ଦଳ ଓ ସ୍ଥାନୀୟ ଲୋକଙ୍କ ଦ୍ୱାରା ଧରା ପଡିଯାଇଥିଲା। ଏହିଠାରୁ ହିଁ ଆରମ୍ଭ ହୋଇଥିଲା ସମଗ୍ର ଘଟଣାବଳୀ। ଗୋମାଂସ ସହ ସମ୍‌ସାରକୁ ଧରାଯିବା ପରେ ସେହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଗୋମାଂସ ଜବତ ହେବା ଘଟଣା ନିକଟସ୍ଥ ସାହିମାନଙ୍କରେ ପ୍ରଚାର ହୋଇଯଇଥିଲା। ଫଳରେ ସହସ୍ରାଧିକ ଲୋକ ସେଠାରେ ଜମା ହେବା ଆରମ୍ଭ କରିଥିଲେ। ଉତ୍ତେଜନା କ୍ରମେ ବଢିବାକୁ ଲାଗିଲା। ପରେ ସ୍ଥାନୀୟ ଲୋକମାନେ ସମ୍‌ସାରକୁ ନିସ୍ଥୁକ ମାଡ ମାରିଥିଲେ। ସେ ଅନ୍ୟ କେଉଁଠାରେ ଗୋମାଂସ ବିକ୍ରି କରୁଥିବା ନେଇ ମଧ୍ୟ ସ୍ଥାନୀୟ ଲୋକମାନେ ତାକୁ ପ୍ରଶ୍ନ କରିଥିଲେ। ଏହାକୁ ସେ ଖଣ୍ଡନ କରିବା ସହ, ସେ କେଉଁଠାରେ ଗୋମାଂସ ବିକ୍ରି କରୁନାହିଁ, ନିଜ ପୁଅପାଇଁ ସେ ଏହି ମାଂସ ନେଉଥିବା ପ୍ରକାଶ କରିଥିଲା। ଏହାପରେ ଉତ୍ୟକ୍ତ ଲୋକମାନେ ସମ୍‌ସାରର ପୁଅକୁ ଖୋଜିଆଣିବା ସହିତ ତାକୁ ମଧ୍ୟ ନିସ୍ଥୁକ ମାଡ ମାରିଥିଲେ। ଉତ୍ୟକ୍ତ ଲୋକମାନେ ଏହାପରେ ଲାଲା ଷ୍ଟ୍ରୀଟ୍ ଆଉ ତାମ୍ବାଣୀ ଷ୍ଟ୍ରୀଟ୍‌କୁ ଯାଇ ସେଠାରେ ଥିବା ଏକ ସୁନା ଦୋକାନ ଓ ତା ଦୋକାନ ସମ୍ମୁଖରେ ଥିବା କ୍ୟାବିନର ସମସ୍ତ ଜିନିଷ ବାହାରକୁ ଫିଙ୍ଗିଦେବା ସହିତ ଭଙ୍ଗାରୁଜା ଓ ନିଆଁ ଲଗାଇ ଦେଇଥିଲେ। ଉତ୍ୟକ୍ତ ଲୋକମାନେ ସେଠାରେ ଥିବା ଦୁଇଟି ମୋଟର ସାଇକେଲ୍‌ରେ ନିଆଁ ଲଗାଇ ଦେଇଥିଲେ। ଘଟଣା ତୀବ୍ର ଆକାର ଧାରଣ କରିଥିଲା। ନିକଟସ୍ଥ ସାନବଜାର, ବଡ ବଜାରକୁ ମଧ୍ୟ ଏହି ଉତ୍ତେଜନା ବ୍ୟାପୀ ଯାଇଥିଲା। ବଜରଙ୍ଗ ଦଳର କର୍ମୀମାନେ ସହରରେ ଗୋମାଂସ ବିକ୍ରି ନିଷେଧ କରିବା ଦାବୀନେଇ ୨୮ ତାରିଖଦିନ ବ୍ରହ୍ମପୁର ବନ୍ଦ ଡାକରା ଦେଇଥିଲେ। ସେହି ଦିନ ହିଁ ଘଟିଥିଲା ହିଂସାକାଣ୍ଡର ଦ୍ୱିତୀୟ ଦଫା। ୨୮ତାରିଖ ବ୍ରହ୍ମପୁର ବନ୍ଦ ପାଳନ ଅବସରରେ ସହରର ସମସ୍ତ ଦୋକାନ ବଜାର ପ୍ରାୟ ବନ୍ଦ ରହିଥିଲା। ବଜରଙ୍ଗ ଦଳର କର୍ମୀମାନେ ଗେଟ୍‌ବଜାର, ଇଞ୍ଜିନିୟରୀଂ ସ୍କୁଲ୍ ଠାରେ ଟାୟର ଜାଳି ରାସ୍ତା ଅବରୋଧ କରିଥିଲେ। ସହରରେ ସମସ୍ତ ଗାଡି ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ସମସ୍ତେ ଭାବୁଥିଲେ ଆଉ କିଛି ଘଣ୍ଟାପରେ ବ୍ରହ୍ମପୁର ବନ୍ଦ ପାଳନ ଶାନ୍ତିଶୃଙ୍ଖଳାର ସହିତ କଟିଯିବ। କିନ୍ତୁ ସହର ଅନ୍ନପୂର୍ଣ୍ଣା ଛକ ଠାରୁ ସାନବଜାର, ଗିରିମାର୍କେଟ, ରାମଲିଙ୍ଗମ୍ ବନ୍ଧ ଅଞ୍ଚଳରେ ଯେ ଆଉ ଏକ ମହାଭାରତ ଆରମ୍ଭ ହୋଇଯିବ ଏହା କେହି ଚିନ୍ତା କରିନଥିଲେ। ବନ୍ଦ ସମର୍ଥକମାନେ ସେ ଦିନ ସକାଳୁ ବିଭିନ୍ନ ସ୍ଥାନ ଓ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକୁ ବନ୍ଦ କରୁଥିଲେ। ପରେ ବନ୍ଦ ସମର୍ଥକ ମାନେ ସହରର

ସମ୍ବେଦନଶୀଳ ଅଞ୍ଚଳ ବୋଲି ବିଚାର କରାଯାଉଥିବା ଖାଜା ସାହିକୁ ଏକ ପଟୁଆରରେ ଯାଇଥିଲେ। ସେଠାରେ ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ପ୍ରତିରୋଧ କରିଥିଲେ। ଖାଜା ସାହିରେ ମୁତୟନ ଥିବା ୨ ପ୍ଲାଟୁନ୍ ଫୋର୍ସଙ୍କ ଉପସ୍ଥିତିରେ ଉଭୟ ପକ୍ଷ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ସହ ଟେକାମାଡ ଚାଲିଲା। ବଜରଙ୍ଗ ଦଳର ଜଣେ ନେତା ବାବୁଲା ସାହୁଙ୍କୁ କେତେକ ବ୍ୟକ୍ତି ଖଣ୍ଡା ସାହାଯ୍ୟରେ ଆକ୍ରମଣ କରିବା ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଫଳରେ ପରିସ୍ଥିତି ଆୟତ୍ତ ହୋଇପଡିଲା। ପୁଲିସ ଗୁରୁତର ଆହତ ବାବୁଲା ସାହୁଙ୍କୁ ଉଦ୍ଧାର କରି ମହିଳା ଥାନାରେ ପହଞ୍ଚାଇ ଦେଇଥିଲେ।

ବହୁ ବ୍ୟକ୍ତି ମଧ୍ୟ ମହିଳା ଥାନାରେ ପ୍ରବେଶ କରିବା ଉଦ୍ୟମ କରିଥିଲେ। ଏହି ଘଟଣା ନେଇ ଉଭୟ ପକ୍ଷ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ମଧ୍ୟ ହୋଇଥିଲା। ପୁଲିସ ସେମାନଙ୍କୁ ଘଉଡାଇବାରୁ ଅସ୍ତ୍ରସଜ୍ଜିତ ଲୋକମାନେ ଏଣେତେଣେ ଦୌଡଦୌଡି କଲେ। ବିଜୟା ଟକିଜ୍ ଛକରୁ ଗିରିଜା ଛକ ଓ ରାମଲିଙ୍ଗମ୍ ବନ୍ଧ ଅଞ୍ଚଳ ରଣକ୍ଷେତ୍ରରେ ପରିଣତ ହୋଇଗଲା। ଏସ୍ ଏନ୍ ଟି ରୋଡରେ କେତେକ ଦୋକାନ ଓ କ୍ୟାବିନ ଭଙ୍ଗାରୁଜା କରିବା ସହିତ ପ୍ରବଳ ଟେକାପଥର ମାଡ କରାଯାଇଥିଲା। ଉତ୍ତ୍ୟକ୍ତ ଲୋକମାନେ ପ୍ରାୟ ୩୦ରୁ ଅଧିକ ଦୋକାନର କବାଟ, ସାଇନ୍‌ବୋର୍ଡ଼ ଭାଙ୍ଗିଦେଇଥିଲେ। ରାମଲିଙ୍ଗମ୍ ବନ୍ଧ ରାସ୍ତା କଡରେ ଥିବା ମହମ୍ମଦ ଖାଁଙ୍କ ସାଇକେଲ୍ ଦୋକାନ, ମହମ୍ମଦ ଆଲାମ୍‌ଙ୍କ ଲୁଗା ଦୋକାନକୁ ମଧ୍ୟ ଉତ୍ତ୍ୟକ୍ତ ଲୋକମାନେ ଭାଙ୍ଗିଦେଇଥିଲେ। ବହୁ ବିରିୟାନୀ ଦୋକାନକୁ ମଧ୍ୟ ଉତ୍ତ୍ୟକ୍ତ ଲୋକମାନେ ଭାଙ୍ଗି ଦେଇଥିଲେ। ରାସ୍ତାକଡରେ ଥିବା ପ୍ରାୟ ୫୦ଟି ସାଇକେଲ୍ ଓ ୧୫ରୁ ଊର୍ଦ୍ଧ୍ୱ ରିକ୍ସାକୁ କେତେକ ଅସାମାଜିକ ବ୍ୟକ୍ତି ପୋଡିଦେଇଥିଲେ। ରାସ୍ତା କଡରେ ଥିବା ଅନାରକଲୀ ହୋଟେଲ୍ ମଧ୍ୟ ଆକ୍ରମଣରୁ ରକ୍ଷା ପାଇନଥିଲା। ହୋଟେଲ୍ ଓ ରେଷ୍ଟୁରାଣ୍ଟ ମଧ୍ୟରେ ବ୍ୟାପକ ଭଙ୍ଗାରୁଜା କରାଯିବା ସହିତ ସେଠାରେ ଥିବା ଗାଡି ଓ କାଚ ସାମଗ୍ରୀ ଭାଙ୍ଗିଦିଆ ଯାଇଥିଲା। ଗିରିଜ ଛକରେ ଜମା ହୋଇଥିବା ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପୁଲିସ ଘଉଡାଇବାକୁ ଚେଷ୍ଟା କଲାବେଳେ ଟାଉନ୍‌ଥାନା ସମ୍ମୁଖରେ ଉତ୍ତ୍ୟକ୍ତ ଲୋକମାନେ ପୁଲିସ ଓ ପୁଲିସ ଭ୍ୟାନ ଉପରକୁ ପ୍ରବଳ ଟେକା ମାଡ କରିଥିଲେ। ଫଳରେ ପୁଲିସ ବାଧ୍ୟ ହୋଇ ୩ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲେ। ଦୀର୍ଘସମୟ ଧରି ଭଙ୍ଗାରୁଜା ଓ ପୋଡାଜଳା ଅନେକ ସ୍ଥାନରେ ଚାଲିଥିଲା। ସହରରେ ପ୍ରାୟ ୧୩ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ଥିଲେ। ସନ୍ଧ୍ୟାରେ ଏସ୍ ଏନ୍ ଟି ରୋଡ୍, ଗିରିଜା ଛକ, ରାମଲିଙ୍ଗମ୍ ବନ୍ଧ ରୋଡ ଓ ଖାଜା ସାହି ସମେତ ଆଠଟି ସ୍ଥାନରେ ୧୪୪ ଧାରା ଜାରୀ କରାଯାଇଥିଲା। ଯଦିଓ ପରିସ୍ଥିତି କୁ ଆୟତ୍ତ କରାଯାଇଥିଲା। ତଥାପି ଏହା ଯେ ପୁଲିସର ଆୟତ୍ତ ବାହାରକୁ ଚାଲିଯାଇଥିଲା ଏହା ସହଜରେ ଅନୁମେୟ।

## ଘଟଣାକୁ ଏଡାଇ ଦିଆଯାଇପାରିଥାନ୍ତା।

ଜଣେ ସଂଖ୍ୟା ଲଘୁ ସଂପ୍ରଦାୟର ବ୍ୟକ୍ତିଙ୍କ ଦ୍ୱାରା ଗୋମାଂସ ଜବତ ଘଟଣାକୁ ନେଇ ଜୁଲାଇ ୨୭ ଓ ୨୮ ତାରିଖ ଦିନ ବ୍ରହ୍ମପୁର ସହରରେ ଯେଉଁ ହିଂସାକାଣ୍ଡ ଘଟିଲା ତାହାକୁ ଏଡାଇ ଦିଆଯାଇ ପାରିଥାଆନ୍ତା ବୋଲି ବହୁ ବୁଦ୍ଧିଜୀବି ମତ ଦେଇଛନ୍ତି। ପୁଲିସ ପକ୍ଷରୁ ଏଥି ନେଇ ଯଦି ଆଗୁଆ ପଦକ୍ଷେପ ନିଆଯାଇଥାନ୍ତା, ତେବେ ପରିସ୍ଥିତି ଏତେ ଆଗକୁ ଯାଇ ନଥାନ୍ତା। ବିଶେଷକରି ଗୋମାଂସ ଜବତ ପରେ ବହୁ ସମୟ ପର୍ଯ୍ୟନ୍ତ ସେ ମାଂସ ସେଇଠି ପଡିରହିଥିଲା। ଏବଂ ଲୋକମାନେ ତାହାକୁ ବାରଂବାର ଦେଖି ଉତ୍ତ୍ୟକ୍ତ ହୋଇପଡିଥିଲେ। ପୁଲିସ ଠିକ ସମୟରେ ପହଞ୍ଚି ଯଦି ପରିସ୍ଥିତି କୁ ସମ୍ଭାଳି ନେଇଥାନ୍ତା ତା'ହେଲେ କଥା ଏତେ ଦୁରକୁ ଯାଇନଥାନ୍ତା। ବିଶେଷକରି ପ୍ରାରମ୍ଭରୁ ସତର୍କତା ମୂଳକ ପଦକ୍ଷେପ ନିଆଯାଇଥିଲେ



ଏହି ପ୍ରକାର ହିଂସାକାଣ୍ଡକୁ ଏଡାଇ ଦିଆ ଯାଇ ପାରିଥାନ୍ତା ବୋଲି ସର୍ବସାଧାରଣରେ ମତ ପ୍ରକାଶ ପାଉଛି।

## ଏହା ଅସାମାଜିକ ବ୍ୟକ୍ତିଙ୍କ କାମ

୨୭ ଓ ୨୮ତାରିଖ ଦିନ ଘଟିଥିବା ହିଂସାକାଣ୍ଡ ଘଟଣାରେ କୌଣସି ନିର୍ଦ୍ଦିଷ୍ଟ ଦଳ କିମ୍ବା ସଂପ୍ରଦାୟର ହାତ ନାହିଁ ବରଂ ପୋଡାଜଳା ଓ ଭଙ୍ଗାରୁଜାର ସୁଯୋଗ ନେଇ ସହରର କେତେକ ଅସାମାଜିକ ବ୍ୟକ୍ତି ଗୋଟିଏ ପରେ ଗୋଟିଏ ଏହିପରି ହିଂସାକାଣ୍ଡ ଘଟାଇ ଚାଲିଥିଲେ ବୋଲି ବହୁ ଲୋକ ମତ ଦିଅନ୍ତି। ଏପରିକି ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତିମାନେ ମଧ୍ୟ ଏହି ସବୁ ହିଂସାକାଣ୍ଡ ପଛରେ ବଜରଙ୍ଗ ଦଳ ନୁହେଁ ବରଂ କିଛି ଅସାମାଜିକ ବ୍ୟକ୍ତିଙ୍କ ହାତ ରହିଛି ବୋଲି ସ୍ୱୀକାର କରିଛନ୍ତି। ତେଣୁ ପୁଲିସ ନିରିହ ବ୍ୟକ୍ତିଙ୍କୁ ଗିରଫ ନକରି ହିଂସାକାଣ୍ଡରେ ସଂପୃକ୍ତ ଥିବା ଅସାମାଜିକ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ଉଚିତ ଦଣ୍ଡବିଧାନ କରିବାକୁ ସାଧାରଣରେ ଦାବୀ ହେଉଛି।

ଏଭଳି ହେବ ବୋଲି କେହି ଭାବି ନଥିଲେ।

ବ୍ରହ୍ମପୁର ସହର ସବୁବେଳେ ଶାନ୍ତି ଓ ଭାଇଚାରା ବ୍‌ଜାୟ୍ ରଖିଛି। ସବୁ ସଂପ୍ରଦାୟ ମଧ୍ୟରେ ସଦ୍‌ଭାବ ଏହି ସହରର ବୈଶିଷ୍ଟ୍ୟ। ତେଣୁ ଏହି ଛୋଟ ଘଟଣାକୁ କେନ୍ଦ୍ରକରି ବ୍ରହ୍ମପୁର ସହରରେ ଏଭଳି ହିଂସାକାଣ୍ଡ ହେବ ବୋଲି କେହି କେବେ ଚିନ୍ତା କରିନଥିଲେ। ଏପରିକି ହିଂସାକାଣ୍ଡରେ ନିଜର ସର୍ବସ୍ୱ ହରାଇଥିବା ମହମ୍ମଦ ଖାଁ ଓ ମହମ୍ମଦ ଆଲାମ ମଧ୍ୟ ଏହି ପ୍ରକାର ମନ୍ତବ୍ୟ ଦେଇ କହିଛନ୍ତି ଯେ ଦୀର୍ଘଦିନଧରି ସେମାନେ ଏଠାରେ ରହି ଆସୁଛନ୍ତି। ମିଳିମିଶି ବ୍ୟବ୍‌ସାୟ କରୁଛନ୍ତି। କିନ୍ତୁ ଏଭଳି ହେବ ବୋଲି ସେମାନେ କେବେ ବି ଭାବି ନଥିଲେ।

## ୪୦ ଗିରଫ ହେଲେଣି

୨୮ ତାରିଖ ବନ୍ଦ ପାଳନ ବେଳେ ଘଟିଥିବା ହିଂସାକାଣ୍ଡ ପରେ ଏବେ ପୁଲିସ ପକ୍ଷରୁ

ବ୍ୟାପକ ଗିରଫଦାରୀ ଚାଲିଛି । ବର୍ତ୍ତମାନ ସୁଦ୍ଧା ୪୦ ଜଣଙ୍କୁ ଗିରଫ କରାଗଲାଣି । ତେବେ ଗିରଫ ବେଳେ ଯେପରି କେହି ନିରୀହ ପୁଲିସର ଆକ୍ରୋଶର ଶିକାର ନ ହୁଅନ୍ତି ସେଥିପ୍ରତି ପୁଲିସ ଦୃଷ୍ଟି ଦେଉ ବୋଲି ଜନସାଧାରଣଙ୍କ ମତ ।

### ଶାନ୍ତି କମିଟି ଗଠିତ

ଦୁଇ ସଂପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ମତଭେଦରେ ପୂର୍ଣ୍ଣଚ୍ଛେଦ ଆଣିବା ଲକ୍ଷ୍ୟରେ ପୁଲିସ ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ଗଠନ କରାଯାଇଥିବା ବିଷୟ ବ୍ରହ୍ମପୁର ଏସ ପି ରାଜେଶ କୁମାରଙ୍କ ଠାରୁ ପ୍ରକାଶ । ଏହି ଶାନ୍ତି କମିଟିରେ ଉଭୟ ପକ୍ଷରୁ ୫ ଜଣଙ୍କୁ ନିଆଯାଇଛି । ଆବଶ୍ୟକ ହେଲେ ଏହି ଶାନ୍ତି କମିଟି ବୈଠକ ବସି ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା ହେବ ।

---

# ବତିଶ ବର୍ଷର ଗାନ୍ଧି ମହାପ୍ରୁଙ୍କ ମନ୍ଦିର



ମହାତ୍ମା ଗାନ୍ଧି । ସାରା ଭାରତ ବର୍ଷରେ ତାଙ୍କର ଜନ୍ମ ତିଥି ଓ ଶ୍ରାଦ୍ଧ ଦିବସ ପାଳନ କରାଯାଏ ମହାସମାରୋହରେ । ତା'ପରେ ସମସ୍ତେ ଭୁଲିଯାଆନ୍ତି ବାପୁଜୀଙ୍କୁ । କିନ୍ତୁ ଭାରତରେ ଏମିତି ଗାଁ ଅଛି ଯେଉଁଠି ଭଗବାନ ଓ ଜାତିର ଜନକ ମହାତ୍ମା ଗାନ୍ଧି ଏକାଠି ପୂଜା ପାଆନ୍ତି । ଗାନ୍ଧି ଯେ ମନ୍ଦିରର ଆରାଧ୍ୟ ଦେବତା ଭାବେ ପୂଜା ପାଉଛନ୍ତି, ଏକଥା ହୁଏତ ଲୋକେ ସହଜରେ ଗ୍ରହଣ କରିବେ ନାହିଁ । ଏ ସଂପର୍କରେ ଶ୍ୱେତ କୁମାର ପ୍ରଧାନଙ୍କ ରିପୋର୍ଟ ।

ସମ୍ବଲପୁର ପୌର ପରିଷଦର ୧ ନମ୍ବର ୱାର୍ଡରେ ଅବସ୍ଥିତ ଭତରା ଗାଁ । ଏହି ଗାଁର ହରିଜନ ପଡାରେ ରହିଛି ଗାନ୍ଧି ମନ୍ଦିର । ୧୯୭୨ ମସିହା ଡିସେମ୍ବର ୧୩ ତାରିଖରେ ଏହି ମନ୍ଦିରର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା । ତତ୍କାଳୀନ ରେଢାଖୋଲ ବିଧାୟକ ଅଭିମନ୍ୟୁ କୁମ୍ଭାରଙ୍କ ପ୍ରୟାସ ଏବଂ ପଡାବାସୀଙ୍କ ଉଦ୍ୟମରେ ନିର୍ମିତ ଏହି ମନ୍ଦିରରେ ମହାତ୍ମା ଗାନ୍ଧିଙ୍କ ଅଧ୍ୟୟନ ମୁଦ୍ରାରେ ଧାତୁ ନିର୍ମିତ ବିଗ୍ରହ ସ୍ଥାପନ କରାଯାଇଛି । ୧୧ ଏପ୍ରିଲ୍ ୧୯୭୪ ମସିହାରେ ଏହି ମନ୍ଦିରର ଉଦ୍‌ଘାଟନ କରାଯାଇଥିଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ । ଖଲ୍ଲିକୋଟ ଚାରୁଚିତ୍ରକଳା କଲେଜର ଜଣେ ବିଶିଷ୍ଟ କାରିଗର ଗାନ୍ଧିଙ୍କ ବିଗ୍ରହ ନିର୍ମାଣ କରିଥିଲେ । ମନ୍ଦିର ଗାତ୍ରରେ ଶୋଭା ପାଉଛି ସମ୍ବଲପୁରର ବିଶିଷ୍ଟ ଚିତ୍ରଶିଳ୍ପୀ ତୃପ୍ତଭୂଷଣ ଦାସଗୁପ୍ତଙ୍କ ରେଖାଚିତ୍ର । ଗାନ୍ଧିଙ୍କ ମନ୍ଦିର ବୋଧହୁଏ ଭାରତବର୍ଷରେ ବିରଳ ।

### କାହିଁକି ତିଆରି ହେଲା ଗାନ୍ଧି ମନ୍ଦିର?

ମନ୍ଦିର ନିର୍ମାଣ ପଛରେ ରହିଛି ଏକ କାରଣ । ସମଗ୍ର ଭାରତବର୍ଷରେ ଛୁଆଁ ଅଛୁଆଁ ଭେଦଭାବ ବ୍ୟାପକ ଭାବେ ରହିଥିଲା । ହରିଜନ ମାନଙ୍କୁ ଲୋକେ ଘୃଣା ଚକ୍ଷୁରେ ଦେଖୁଥିଲେ । ମନ୍ଦିର ଭିତରକୁ ଯାଇ ପୂଜା କରିବା ତାଙ୍କ ପାଇଁ ଥିଲା ନିଷିଦ୍ଧ । ସେତେବେଳେ ପଡାବାସୀ କାହାକୁ ପୂଜାକରିବେ ବୋଲି ଚିନ୍ତାରେ ପଡିଥିଲେ । ଯିଏ ହରିଜନ ମାନେ ସମାଜରେ କିପରି ମୁଣ୍ଡ ଟେକି ଚାଲିପାରିବେ ବୋଲି କାର୍ଯ୍ୟ କରିଛନ୍ତି ସେହି ତାଙ୍କ ଭଗବାନ । ତାଙ୍କୁ ହିଁ ଆରାଧ୍ୟ ଦେବତା ଭାବେ ପୂଜା କରିବାକୁ ନିଷ୍ପତ୍ତି ନେଇ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ମନ୍ଦିର ସ୍ଥାପନ ହେବା ଦିନ ପର ଠାରୁ ପ୍ରତ୍ୟହ ସକାଳ ଓ ସଂଧ୍ୟାରେ ଗାନ୍ଧିଙ୍କୁ ଧୂପ, ଦୀପ, ଆଳତି ଦେଇ ପଡାବାସୀ ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରିଥାନ୍ତି । ମନ୍ଦିରର ପୂଜକ ପ୍ରତ୍ୟହ ଭୋର ୪ଟା ଓ ଅପରାହ୍ନ ୫ଟାରେ ସ୍ନାନ ସାରି ଗାନ୍ଧିଙ୍କୁ ପୂଜାର୍ଚ୍ଚନା କରନ୍ତି । ସାଧାରଣତଃ ମନ୍ଦିର ପୂଜକଙ୍କ ମନ୍ତ୍ରଧ୍ୱନୀରେ ମୁଖରିତ ହେଉଥିବା ବେଳେ ଗାନ୍ଧି ମନ୍ଦିରରେ ବାପୁଜୀଙ୍କ ପ୍ରିୟ ଭଜନ 'ରଘୁପତି ରାଘବ ରାଜାରାମ'ରେ ପୂଜା ଆରମ୍ଭ ହୋଇଥାଏ । ମନ୍ଦିରରେ ନେତ ପରିବର୍ତ୍ତେ ଫରଫର ହୋଇ ଉଡୁଛି ଜାତୀୟ ପତାକା । ଗରୁଡ ସ୍ତମ୍ଭ ପରିବର୍ତ୍ତେ ରହିଛି ଅଶୋକସ୍ତମ୍ଭ । ମନ୍ଦିରର ମୁଖଶାଳାରେ ତ୍ରିରଙ୍ଗା ପତାକା ଧରି ଛିଡାହୋଇଛନ୍ତି ଭାରତମାତା । ମନ୍ଦିର ଭିତରେ ଗାନ୍ଧିଙ୍କ ସହିତ ପୂଜା ପାଉଛନ୍ତି ଆମ୍ବେଦକର, ଗୋପବନ୍ଧୁ, ବିବେକାନନ୍ଦ, ନେହେରୁ, ସୁଭାଷ ବୋଷ ପ୍ରମୁଖ ଜନନାୟକ । ପ୍ରତିଦିନ ସଂଧ୍ୟାରେ ପଡାର ଆବାଳ ବୃଦ୍ଧବନିତା ଆଳତି କରି ପୁରାଣ ଚର୍ଚ୍ଚା କରିଥାନ୍ତି । ଗାନ୍ଧି ଜୟନ୍ତୀ, ଗାନ୍ଧିଙ୍କ ତିରୋଧାନ ଦିବସ, ଅଗଷ୍ଟ ୧୫ ଓ ଜାନୁଆରୀ ୨୬କୁ ଏହି ମନ୍ଦିରରେ ପର୍ବ ଭାବେ ପାଳନ କରାଯାଇଥାଏ । ଘରେ ଘରେ ପିଠାପଣା ହେବା ସଙ୍ଗେ ସଙ୍ଗେ ପଡାବାସୀ ଚାନ୍ଦାଭେଦା କରି ଉତ୍ସବ ପାଳନ କରିଥାନ୍ତି ।



ଭତରା ଗାଁର ଏହି ମନ୍ଦିରର ଗାନ୍ଧି ଏକ ଚେତନା ଏବଂ ଏକ ଚିରନ୍ତନ ସତ୍ୟ ଭାବେ ବଞ୍ଚିରହିଛନ୍ତି ।

---

**ପଶ୍ଚିମ ଓଡିଶାର ସଂପର୍କିତ ଖବର ଆମ ନିକଟକୁ ଲେଖି ପଠାନ୍ତୁ ।**

# ତ୍ୟାଗରେ ହେଲା ପ୍ରେମର ଜୟ

ଭଲପାଇବା ଆଗରେ ଜୋରଜବରଦସ୍ତି ଯେ କିଛି ମାନେ ରଖେନା ତାହା ଏବେ ପ୍ରମାଣିତ ହୋଇଛି ଭାଗିରଥୀ ଓ ପିଙ୍କିଙ୍କ କ୍ଷେତ୍ରରେ । ଭଲ ପାଇବାର ଦୃଢତା ବିଳମ୍ବରେ ହେଲେ ବି ଏକାଠି କରିପାରିଛି ଏମାନଙ୍କୁ। ଏହି ଦୁଇ ପ୍ରେମୀଗଯୁଗଳଙ୍କ ମିଳନ କରାଇ ନିଜର ମହାଣୁଭବତାର ପରିଚୟ ଦେଇଛନ୍ତି, 'ନିରଞ୍ଜନ' ଯିଏ କି ତିନି ଦିନ ପାଇଁ 'ପିଙ୍କି'ର ସ୍ୱାମୀ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହୋଇଥିଲେ।



ଭାଗିରଥୀ ଓ ପିଙ୍କି

ସୁନାର ସଂସାରଟିଏ ଗଢିବାକୁ ସ୍ୱପ୍ନ ଦେଖୁଥିବା ନିରଞ୍ଜନ ଯେତେବେଳେ ଜାଣିଲେ ଯେ ତାଙ୍କ ପାଇଁ ମଥାରେ ସିନ୍ଦୂର ଓ ହାତରେ ଚୁଡି ପିନ୍ଧିଥିବା ପିଙ୍କି ଅନ୍ୟଏକ ଯୁବକକୁ ଭଲ ପାଉଛି ଏବଂ ବାଧ୍ୟବାଧକତାରେ ଏଠି ବିବାହ କରିଛି, ସେତେବେଳେ ସେ ନିଜର ମହତ ପଣିଆ ଦେଖାଇଲେ ଏବଂ ଶପଥ କଲେ ପ୍ରେମୀଯୁଗଳଙ୍କୁ ଏକାଠି କରିବା ପାଇଁ। ସେଥିରେ ମଧ୍ୟ ସଫଳ ହେଲେ। ସବୁ ଦୁଃଖକୁ ନିଜେ ହଜମ କରି ଦୁଇ ଜଣଙ୍କ ମୁହଁରେ ହସ ଫୁଟେଇଥିବା ନିରଞ୍ଜନ ଆଦର୍ଶ ପାଲଟିଗଲେ ସମାଜ ପାଇଁ।

ଏହି ଘଟଣା ଘଟିଛି ଜଗତସିଂପୁର ଜିଲ୍ଲା ବାଲିକୁଦା ବ୍ଲକରେ ଈଶ୍ୱରପୁର (ନୂଆଗାଁ)ର ଅନାମ ରାଉତଙ୍କ ବଡମଝିଆ ପୁଅ ହେଉଛିନ୍ତି ନିରଞ୍ଜନ ରାଉତ (ମିଟୁ) ।ବାଲିକୁଦା କଲେଜରୁ ସ୍ନାତକ ସମାପ୍ତ କଲାପରେ ଚାକିରୀ କରିଛନ୍ତି ପଣ୍ଡିଚେରୀର ଏକ ଘରୋଇ କଂପାନୀରେ । ଏଣେ ପୁଅକୁ ବାହାଘର କରିବାପାଇଁ ଝିଅଟିଏ ଖୋଜୁଥାନ୍ତି ପରିବାର ବର୍ଗ। ତିଥି ସରିବାକୁ ଥିବା ବେଳେ ନିରଞ୍ଜନଙ୍କ ବଡଭାଉଜଙ୍କ ଭାଇ ଗୋଟିଏ ପ୍ରସ୍ତାବ ଆଣି ପହଞ୍ଚିଲେ। ଝିଅ ଘର ବାହାଘର ପାଇଁ ବ୍ୟଗ୍ର। ଏଣୁ କାଳବିଳମ୍ବ ନ କରି ତା'ପର ଦିନ ଅର୍ଥାତ ଜୁଲାଇ ୬ ତାରିଖରେ ବାହାଘର କରିବାକୁ ହେବ । ସେହିଦିନ ଝିଅଘରକୁ ଦେଖିଯାଆନ୍ତି ନିରଞ୍ଜନଙ୍କ ବାପା ଓ ଝିଅଘର ପକ୍ଷ ମଧ୍ୟ ପୁଅକୁ ଜ୍ୱାଇଁ ସ୍ୱୀକାର କରନ୍ତି । ୬ ତାରିଖ ଦିନ ଗୋରେଖନାଥଙ୍କ ନିକଟରେ ବାହାଘର ହେବ ବୋଲି ସ୍ଥିର ହୋଇଥିବା ବେଳେ ଝିଅଘର ପକ୍ଷ ସେଠାରେ ବାହାଘର ନ କରି ମା' ଶାରଳାଙ୍କ ମନ୍ଦିରରେ ବିବାହ ସଂପର୍ଣ୍ଣ କଲେ । ଏତେ ତରବରରେ ବାହାଘର ଯେ ପୁଅପାଦରେ ଅଳତା ଓ ମଥାରେ ମୁକୁଟ ନଥିଲା କି ମା'ଙ୍କ ଠାରୁ ଚାଉଳ ଆଞ୍ଜୁଳି ମଧ୍ୟ ନେଇ ନ ଥିଲେ ନିରଞ୍ଜନ। ବାହାଘର ବେଳେ କନ୍ୟାର ବାପା ଅନୁପସ୍ଥିତ ଥିବା ମଧ୍ୟ ଦେଖାଯାଇଥିଲା। ଏହା ନିରଞ୍ଜନଙ୍କ ମନରେ ସୃଷ୍ଟି କରିଥିଲା ସନ୍ଦେହ।

ବାହାଘର ପରେ ଝିଅ ଓ ଜ୍ୱାଇଁ ବିଦା ହୋଇ ଆସିଲେ ଏବଂ ତା'ଙ୍କ ସହ ଆସିଲା ସାତଦିନିଆ କୁଣିଆ ଭାବରେ ପିଙ୍କିର ସାନଭାଇ ବୁଟୁ । ଭିଣୋଇ ସହ ଥଟ୍ଟା ମଜାରେ ସେ କହିଦେଲା ନିଜ ଭଉଣୀର ପ୍ରେମ ସଂପର୍କ ଘଟଣା। ଏମିତି ଗୋଟିଏ ପରେ ଗୋଟିଏ ଘଟଣା ଶୁଣିଲେ ନିରଞ୍ଜନ, କିନ୍ତୁ ଯେତେବେଳେ ପ୍ରେମିକ ଭାଗିରଥୀ ନିରଞ୍ଜନଙ୍କ ମୋବାଇଲ୍ରେ କଲ୍ କରି ନିରଞ୍ଜନକୁ ତା'ର ପ୍ରେମିକାକୁ ଫେରେଇବା ପାଇଁ ଅନୁରୋଧ କଲେ, ସେତେବେଳେ ହତବାକ୍ ହୋଇ ପଡିଲେ ନିରଞ୍ଜନ। ସାନ ଶଳା ବୁଟୁର କଥାର ପ୍ରମାଣ ସେ ପାଇ ସାରିଥିଲେ। ସେହି ଫୋନ୍ କଥାବାର୍ତ୍ତାରେ ପ୍ରେମିକ ଭାଗିରଥୀ ନିରଞ୍ଜନକୁ କହିଥିଲେ- ଭାଇ, ମୁଁ ପିଙ୍କିକୁ ବାହାହେବି କିନ୍ତୁ ମୋ ପାଖରେ ମାତ୍ର ୧୦୦୦ ଟଙ୍କା ଅଛି। ଆଉ ୨୦୦୦ ଟଙ୍କା ମତେ ଧାର ଦିଅ । ଏଥିରେ ବି ରାଜିହେଲେ ନିରଞ୍ଜନ। ଏହାପରେ ସ୍ତ୍ରୀ ପିଙ୍କିକୁ ପ୍ରେମିକ ସହ ସେ କଥାବାର୍ତ୍ତା କରାଇଲେ ଏବଂ ଦୁଇଜଣଙ୍କୁ ମିଶାଇବା ପାଇଁ ଦ୍ୱାରସ୍ଥ ହେଲେ ବାଲିକୁଦା ଥାନାରେ । ବାଲିକୁଦା ଥାନା କର୍ତ୍ତୃପକ୍ଷଙ୍କ ମଧ୍ୟସ୍ଥତାରେ ପ୍ରେମୀଯୁଗଳଙ୍କର ବିବାହ ଶେଷ ହୋଇଛି ।

ନିଜ ପ୍ରେମିକାକୁ ସ୍ତ୍ରୀ ଭାବରେ ପାଇ ଶ୍ରୀବନ୍ତପୁର ଗ୍ରାମର ଭାଗିରଥୀ ସତେ ଯେମିତି ସ୍ୱର୍ଗ ଜିଣିଛନ୍ତି । ତା'ଙ୍କ ପ୍ରେମ ସାର୍ଥକ ହେଲା ବୋଲି ସେ କୁହନ୍ତି। ଦୀର୍ଘ ୬ ବର୍ଷ ଧରି ପ୍ରେମ ଚାଲିଥିଲା ତାଙ୍କର। ଜାତିଗତ ବିଭେଦ ହେତୁ ଦୁଇ ଜଣଙ୍କୁ ବିବାହ ପାଇଁ ସମ୍ମତି ଦିଆଯାଇନଥିଲା । ମାତ୍ର ୧୦୦ ମିଟର ବ୍ୟବଧାନରେ ଭାଗିରଥୀ ଓ ପିଙ୍କିର ଘର ଅବସ୍ଥିତ। ମଝିରେ ଗୋଟିଏ ଧାନ କିଆରୀ। ଏବେ ପୁଅର ଇଚ୍ଛାକୁ ଗ୍ରହଣ କରିନେଇଛନ୍ତି ଭାଗିରଥୀଙ୍କ ପିତା ଜଗବନ୍ଧୁ ଦାସ।

ଏଣେ ପତ୍ନୀକୁ ତ୍ୟାଗ କରି ନିଜର ମହାନୁଭବତା ପ୍ରଦର୍ଶନ କରିଥିବା ନିରଞ୍ଜନକୁ ଅନେକ ଟାହିଟାପରା ଶୁଣିବାକୁ ପଡୁଛି ଗାଁରେ। ହେଲେ, ନିରଞ୍ଜନ କେବଳ ମୁରୁକି ହସୁଛନ୍ତି ।

# ମାଓବାଦୀଙ୍କ କବ୍‌ଜାରେ ୩୬ ଘଣ୍ଟା ହେଲା ଦୁଇ କର୍ମଚାରୀ

## ମୁଖ୍ୟମନ୍ତ୍ରୀ କହିଲେ, ସମସ୍ତେ ଲାଗିଛନ୍ତି

ଭୁବନେଶ୍ୱର,୧୦।୮ (ଇମିସ): ଗତକାଲି ଅପରାହ୍ନରେ ମାଓବାଦୀମାନେ ଅପହରଣ କରି ନେଇଥିବା ଗଜପତି ଜିଲ୍ଲା ମୋହନା ବ୍ଲକ କନିଷ୍ଠ ଯନ୍ତ୍ରୀ ବିନୋଦ କୁମାର କିଷାନ ଓ ଏମ୍ଆଇ ସେକ୍ସନ୍‌ର ପିଅନ ପ୍ରସାଦ



ପଟ୍ଟନାୟକଙ୍କୁ ୩୬ ଘଣ୍ଟା ପରେ ମଧ୍ୟ ଆଜି ସନ୍ଧ୍ୟା ସୁଦ୍ଧା ମୁକ୍ତି ଦିଆଯାଇନାହିଁ। ସେମାନଙ୍କୁ ମାଓବାଦୀ ନକ୍ସଲମାନେ ମୁଣ୍ଡକାମିନ୍ ଭାବେ କୌଣସି ରଖିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସୂଚନା ଦେଇଛନ୍ତି । ବିଧାନସଭାରେ ଏ ସଂପର୍କରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ଗତକାଲି ମୋହନା ବ୍ଲକର କନିଷ୍ଠ ଯନ୍ତ୍ରୀ ଶ୍ରୀ କିଷାନ ଓ ପିଅନ ଶ୍ରୀ ପଟ୍ଟନାୟକ ଓ ଅନ୍ୟ ଜଣେ ସ୍ଥାନୀୟ ବାସିନ୍ଦା ଗୁଲୁବା ପଞ୍ଚାୟତର ଗୁଡ଼ିପଙ୍କା ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଦଳେ ସଶସ୍ତ୍ର ମାଓବାଦୀ ତାଙ୍କୁ ଅଟକାଇ ପରିଚୟ ମାଗିଥିଲେ। ଶ୍ରୀ କିଷାନ ନିଜର ପରିଚୟ ଦେବା ପରେ ମାଓବାଦୀମାନେ ଶ୍ରୀ କିଷାନ ଓ ଶ୍ରୀ ପଟ୍ଟନାୟକଙ୍କୁ ମୁଣ୍ଡକାମିନ୍ ଭାବେ ଅଟକ ରଖିଛନ୍ତି । ସେମାନଙ୍କୁ ଉଦ୍ଧାର କରିବା ପାଇଁ ସମସ୍ତ ବରିଷ୍ଠ ପଦାଧିକାରୀ ନିୟୋଜିତ ଅଛନ୍ତି ଏବଂ ଦୁଇ ଅପହୃତ କର୍ମଚାରୀଙ୍କ ସୁରକ୍ଷା ଓ ଶୀଘ୍ର ମୁକ୍ତି ପାଇଁ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ବିବୃତିରେ କହିଛନ୍ତି। ଏ ଘଟଣା ନେଇ ଅଡବା ଥାନାରେ ଏକ ମାମଲା (କେସ୍ ନଂ: ୩୫/୦୭) ରୁଜୁ କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଲେ, ମାଓବାଦୀଙ୍କ ପକ୍ଷରୁ ଏହା ମଧ୍ୟରେ ଦୁଇ ଅପହୃତ କର୍ମଚାରୀଙ୍କ ପରିବାର ଲୋକଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ଦୁଇଟି ଚିଠି ପହଞ୍ଚିଛି। ଏଥିରେ କୁହାଯାଇଛି ଯେ କନିଷ୍ଠ ଯନ୍ତ୍ରୀ ଶ୍ରୀ କିଷାନ ଓ ଶ୍ରୀ ପଟ୍ଟନାୟକ ଭଲରେ ଅଛନ୍ତି । ଦୁଇ କର୍ମଚାରୀଙ୍କୁ ମୁଣ୍ଡ କାମିନରେ ରଖିଥିବା ମାଓବାଦୀମାନେ ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କ ଜରିଆରେ ପଠାଇଥିବା ଏହି ଚିଠିରେ ଉଲ୍ଲେଖ କରିଛନ୍ତି, ଦୁଇ କର୍ମଚାରୀ କିଛି ଜରୁରୀ କାମରେ ଅଟକି ଯାଇଥିବାରୁ ଘରକୁ ଫେରିନାହାନ୍ତି ।

### ପତ୍ନୀଙ୍କ ନିବେଦନ

ଉଭୟ ଅପହୃତ କର୍ମଚାରୀଙ୍କ ପରିବାର ପକ୍ଷରୁ ଅପହୃତ ମାନଙ୍କ ସୁରକ୍ଷା ଆଉ ବନ୍ଧନମୁକ୍ତ କରିବା ପାଇଁ ନିବେଦନ କରାଯାଇଛି । କନିଷ୍ଠ ଯନ୍ତ୍ରୀ ବିନୋଦ କୁମାର କିଷାନଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ତାଙ୍କ ସ୍ୱାମୀଙ୍କୁ ଛାଡିଦେବା ପାଇଁ 'ସମ୍ବାଦ' ମାଧ୍ୟମରେ ମାଓବାଦୀଙ୍କ ନିକଟରେ ନିବେଦନ କରିଛନ୍ତି ।



ଲକ୍ଷ୍ମୀପ୍ରିୟା କହିଛନ୍ତି ଯେ ମୋର ଦଶ ମାସର ଛୋଟ ଛୁଆ ଅଛି ଏବଂ ସ୍ୱାମୀଙ୍କ ବିନା ତାଙ୍କ ନିକଟରେ ଆଉ କେହି ନାହିଁ। ସେପରି ସ୍ଥଳେ ସ୍ୱାମୀଙ୍କ ବିନା କେମିତି ଚଳିବେ ବୋଲି ପ୍ରଶ୍ନ କରିଛନ୍ତି। ଏହାସହ ସେମାନେ ଅଳ୍ପ ଦିନ ହେବ ଏଠାକୁ ଆସିଛନ୍ତି, ତା'ଙ୍କ ସ୍ୱାମୀ କୌଣସି ଦୁର୍ନୀତିରେ ଲିପ୍ତ ନୁହନ୍ତି। ଏଣୁ ତାଙ୍କୁ ଛାଡିଦେବା ପାଇଁ ସେ ନିବେଦନ କରିଛନ୍ତି। ସ୍ୱାମୀ ତାଙ୍କ ନିକଟକୁ ଚିଠି ଦେଇଥିବା ବେଳେ ବିଡ଼ିଓ ତାଙ୍କୁ ଚିଠି ଦେଇ ନାହାନ୍ତି ବୋଲି ଲକ୍ଷ୍ମୀପ୍ରିୟା ଜାଣିଥିଲା। ଗତକାଲି ଠାରୁ ସ୍ୱାମୀଙ୍କ ନିଖୋଜ ସଂପର୍କରେ କୌଣସି ଖବର ନଥିଲା କିମ୍ବା ତାଙ୍କୁ କେହି କିଛି କହିନଥିଲା। ଆଜି ସକାଳେ ଟିଭି ଦେଖି ବରଗଡରେ ରହୁଥିବା ତାଙ୍କ ବାପା ତାଙ୍କୁ ଫୋନ୍ କରି ଏ ସଂପର୍କରେ ଜଣାଇବା ପରେ ସେ ଜାଣିପାରିଥିଲେ।

ଅପହୃତ କ୍ଷୁଦ୍ର ଜଳସେଚନ ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରସାଦ ପଟ୍ଟନାୟକଙ୍କ ସ୍ତ୍ରୀ ସଂଧ୍ୟାରାଣୀ ପଟ୍ଟନାୟକ ସମ୍ବାଦକୁ ଜଣାଇଛନ୍ତି ଯେ ତାଙ୍କ ସ୍ୱାମୀ ଦୁର୍ନୀତି କରିବାର ପ୍ରଶ୍ନ ଉଠୁନାହିଁ। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ କଣବା ଦୁର୍ନୀତି କରିପାରିବେ ବୋଲି ପ୍ରଶ୍ନ କରି ସଂଧ୍ୟାରାଣୀ ତାଙ୍କ ସ୍ୱାମୀଙ୍କୁ ଛାଡି ଦେବା ପାଇଁ ନେହୁରା ହୋଇ ମାଓବାଦୀଙ୍କ ନିକଟରେ ଅନୁରୋଧ କରିଛନ୍ତି। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସ୍ୱାମୀଙ୍କ ବିନା ତାଙ୍କ ପରିବାର ଅପୋଷା ରହିଯିବ ବୋଲି ଲୁହ ଛଳ ଛଳ ଆଖିରେ ପ୍ରକାଶ କରିଛନ୍ତି। ଅପହରଣ ଖବର ପାଇ ବିଭାଗୀୟ କର୍ମଚାରୀଙ୍କୁ ଏ



ବିଷୟରେ ପଚାରିବାରେ କେତେକ କର୍ମଚାରୀ ତାଙ୍କ ସ୍ୱାମୀଙ୍କୁ ଅପହରଣ କରାଯାଇନାହିଁ ବୋଲି କହିଥିଲେ । ତେବେ ପରେ ସେ କେତେକ ଗଣମାଧ୍ୟମ ପ୍ରତିନିଧିଙ୍କ ଜରିଆରେ ତାଙ୍କ ସ୍ୱାମୀ ଅପହୃତ ହୋଇଥିବା ଜାଣିବାକୁ ପାଇଥିଲେ । ନିଖୋଜ କନିଷ୍ଠ ଯନ୍ତ୍ରୀଙ୍କ ଘର ଦେବଗଡ ଜିଲ୍ଲାର ରିଆମାଳ ଥାନା ଅନ୍ତର୍ଗତ ପାଟଖମାଣ ଗ୍ରାମରେ ଏବଂ ସେ ଜଣେ କୃଷକ ପରିବାରର ଲୋକ । ତାଙ୍କ ବାପା ଇଶାକ୍ ନାୟକ ମଧ୍ୟ ଜଣେ କୃଷକ ବୋଲି ଜଣାପଡିଛି । ଅପହୃତ କନିଷ୍ଠ ଯନ୍ତ୍ରୀ ବାରିପଦା ନିକଟସ୍ଥ ଝାଡଖଣ୍ଡ ସୀମାବର୍ତ୍ତୀ କିଡ଼ିଙ୍ଗି ଗ୍ରାମର ଲକ୍ଷ୍ମୀପ୍ରିୟାଙ୍କୁ ବିବାହ କରିଥିଲେ । ଏବଂ ସେମାନଙ୍କର ଦଶମାସର ପୁଅ ଅଛି । ସେହିପରି ଅପହୃତ ପ୍ରସାଦ ପଟ୍ଟନାୟକଙ୍କ ଘର ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରେ । ସେ ବର୍ତ୍ତମାନ ସପରିବାର ପୋଡାମାରୀର ଚଷା ସାହିରେ ରହୁଛନ୍ତି । ତାଙ୍କର ଗୋଟିଏ ପୁଅ ଆଉ ଗୋଟିଏ ଝିଅ ଅଛି ।

### ନକ୍ସଲ ଭାଇମାନେ ଅତି ଉତ୍ତମ

ପାଟପୁର, ୧୦।୮ (ଇମିସ): ନକ୍ସଲପନ୍ଥୀଙ୍କ ଦ୍ୱାରା ଅପହୃତ ପ୍ରସାଦ ପଟ୍ଟନାୟକଙ୍କ ପରିବାର ଲୋକମାନେ ପୋଡାମାରୀରେ କାଲିଠାରୁ ଅଖିଆ ଅପିଆ ଅଛନ୍ତି । ରାତିରେ ନିଦ ନାହିଁ ଏବଂ ଘନ୍‌ଘନ ଫୋନ ଯୋଗେ ଖବର ନେଇ ସୁଦ୍ଧା ନିରାଶ ହେଉଛନ୍ତି ତାଙ୍କ ପରିବାର ଲୋକ । ପତ୍ନୀ ସନ୍ଧ୍ୟାରାଣୀ ଘଡିକୁ ଘଡି ସଂଜ୍ଞାହୀନ ହୋଇ ପଡୁଛନ୍ତି । ତାଙ୍କ ବଡପୁଅ ସନ୍ତୋଷ(୧୮)ଙ୍କୁ ସମ୍ବାଦ ପ୍ରତିନିଧି ଭେଟିବାରେ ସେ କହିଛନ୍ତି, 'ନକ୍ସଲଭାଇମାନେ ଅତି ଉତ୍ତମ, ଆମ ବାପା ଜଣେ ନିରିହ ବ୍ୟକ୍ତି । ନକ୍ସଲ ମାନେ ବାପାଙ୍କୁ ଅନାହତ ଅବସ୍ଥାରେ ନିଶ୍ଚୟ ଛାଡିଦେବେ ।' ସମ୍ବାଦ ଓ ଗଣ ମାଧ୍ୟମ ଜରିଆରେ ପ୍ରସାଦଙ୍କ ପରିବାର ଲୋକ ତାଙ୍କୁ ଛାଡିଦେବା ଲାଗି ନକ୍ସଲଙ୍କୁ ଅନୁରୋଧ କରିଛନ୍ତି । ପ୍ରସାଦଙ୍କ ବଡପୁଅ ସନ୍ତୋଷ ପୋଡାମାରୀ ବିଜ୍ଞାନ କଲେଜରେ ଯୁକ୍ତ ଦୁଇ କଳାର ଦ୍ୱିତୀୟ ବର୍ଷର ଛାତ୍ର । ସାନପୁଅ ଶ୍ରୀକାନ୍ତ ପୋଡାମାରୀ ଚୈତନ୍ୟ ବିଦ୍ୟାପୀଠରେ ନବମ ଶ୍ରେଣୀରେ ପଢେ । ଏକମାତ୍ର ଝିଅ ରୀନୁବାଳା ଇଚ୍ଛାପୁର ନିକଟ ସାରଦାପୁରରେ ବିବାହ କରିଛନ୍ତି ଓ ତାଙ୍କର ୨ଟି ଝିଅ ଅଛନ୍ତି । ପ୍ରସାଦଙ୍କ ନାତୁଣୀର ଦେହ ଖରାପ ଥିବାରୁ ସେ ସନ୍ଧ୍ୟାରେ ଫେରିଆସିବେ କହି ଗତକାଲି ଯାଇଥିଲେ । କିନ୍ତୁ ନକ୍ସଲମାନଙ୍କ ଦ୍ୱାରା ଅପହୃତ ହେବା ପରେ ଘରକୁ ଫେରିନଥିଲେ ।

---

ସଦ୍ୟ ପ୍ରାପ୍ତ ଖବର ଅନୁସାରେ ନକ୍ସଲମାନେ ଦୁଇ ବନ୍ଧକଙ୍କୁ ଫେରାଇ ଦେଇଛନ୍ତି । ଏବଂ ସେମାନଙ୍କ ଦ୍ୱାରା ନକ୍ସଲ ମାନେ ପୁଣି ଏକ ନୂଆ ସନ୍ଦେଶ ପଠାଇଛନ୍ତି, ଯେଉଁଥିରେ ସେମାନେ ଦର୍ଶାଇଛନ୍ତି ଯେ ଯେଉଁ ସରକାରୀ କର୍ମଚାରୀମାନେ ନିର୍ଦ୍ଦୋଶ ଜନତାଙ୍କୁ ହଇରାଣ କରକତ କରିବେ କିମ୍ବା ଯେଉଁମାନେ ଦୁର୍ନୀତିରେ ଲିପ୍ତ ରହିବେ ସେମାନଙ୍କୁ ଉଚିତ ଦଣ୍ଡ ଦିଆଯିବ ।

---

ଆଗାମୀ ସଂସ୍କରଣ ପାଇଁ ଉନ୍ନତ ମାନର ଲେଖାର ଆବଶ୍ୟକତା ରହିଛି ଏବଂ ସେଇଥି ପାଇଁ ଆମେ ଅନୁରୋଧ କରୁଛୁ ଆମର ସମସ୍ତ ପାଠକ ପାଠିକା ମାନଙ୍କୁ ଆମ ନିକଟକୁ ଲେଖା ପଠାନ୍ତୁ ।

# ଲୋକ କଳାର କିମ୍ବଦନ୍ତୀ ପୁରୁଷ ଭଗବାନ ସାହୁ

ପଦ୍ମଶ୍ରୀ ଭଗବାନ ସାହୁ ଓଡିଶାର ଲୋକ କଳାର ଜଣେ କିମ୍ବଦନ୍ତୀ ପୁରୁଷ । ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଲୋକନୃତ୍ୟ ତଥା ଲୋକ କଳାପାଇଁ ପୂର୍ଣ୍ଣ ସମର୍ପିତ ଭଗବାନ ସାହୁ ଦେଶ ବିଦେଶରେ ନରେନ୍ଦ୍ରପୁର କଳା ବିକାଶ କେନ୍ଦ୍ରର ସହ କଳାକାରଙ୍କୁ ଧରି ଆପଣା ନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି । ରଣପା, ଚଡେୟା, ଘୁମୁରା, ବାଘନାଚ, ପାଇକନାଚ, ଶଙ୍ଖଧ୍ୱନୀ, ଲଉଡିନାଚ, ଦଶଭୁଜା ପ୍ରଭୃତିକୁ ଲୋକ ପ୍ରିୟ କରାଇବାରେ ତାଙ୍କର ଅବଦାନ ଅବିସ୍ମରଣୀୟ । ୧୯୧୪ ମସିହା ସେପ୍‌ଟେମ୍ବର ୨୧ରେ ନରେନ୍ଦ୍ରପୁର ନିକଟ ବଡ କୁଶସ୍ଥଳୀରେ ଜନ୍ମିତ ଭଗବାନ ନିଜ ଅଞ୍ଚଳ ତଥା ଜିଲ୍ଲାର ଲୋକପ୍ରିୟ କଳାକୁ ଆଦୃତ କରିବାରେ ଯଥେଷ୍ଟ ଅବଦାନ



ଦେଇଯାଇଥିବାରୁ ତାଙ୍କର ଅଗଣିତ ଶିଷ୍ୟମାନେ ଋଣୀ ହୋଇ ରହିଛନ୍ତି । ଢୋଲ, ଚାଙ୍ଗୁ, ଶଙ୍ଖ ଭଳି ପାରଂପରିକ ବାଦ୍ୟ ଯନ୍ତ୍ର ପ୍ରାୟତଃ ଲୋପ ପାଇବାକୁ ବସିଥିବା ବେଳେ ନରେନ୍ଦ୍ରପୁର କଳା ବିକାଶ କେନ୍ଦ୍ର ଜରିଆରେ ସେଗୁଡିକର ପୁନଃ ପ୍ରବର୍ତ୍ତନ କରିଛନ୍ତି । ଗୁରୁ ପଙ୍କଜ ଚରଣଙ୍କଠାରୁ ଓଡିଶୀ ଶାସ୍ତ୍ରୀୟ ନୃତ୍ୟ ଶିକ୍ଷା ଗ୍ରହଣ ସହିତ ଲୋକ ନୃତ୍ୟ ପାଇଁ ଆକୃଷ୍ଟ ହୋଇ ଭଗବାନ ସାରା ଜୀବନ ସେଥିପ୍ରତି ନିବେଦିତ ରହିଲେ। ବିଦ୍ୟାଳୟ ଶିକ୍ଷା ଅଧାରୁ ଛାଡି ସତ୍ୟର ସନ୍ଧାନରେ ସେ ବହୁ ଦୂର ଚାଲିଯାଇଥିଲେ। କୁମ୍ଭମେଳାରେ ଜଣେ ସାଧୁଙ୍କ ସହ ସାକ୍ଷାତ ପରେ ସେ ଗୃହସ୍ଥ ଜୀବନକୁ ଫେରି ଆସିଲେ। ହିମାଳୟରେ ମୋକ୍ଷ ନାହିଁ, ସଂସାରରେ ତାହା ଉପଲବ୍ଧ ଏହା ଥିଲା ନୃତ୍ୟଗୁରୁ ଭଗବାନଙ୍କ ବିଚାର ।

ବିବିଧ ଢଙ୍ଗରେ ଶରୀର ଚର୍ଚ୍ଚା ସାଙ୍ଗକୁ ଯୁବାବସ୍ଥାରେ ଭଗବାନ ଯେଉଁ ଦୁଃସାହସିକ ଅଭିଯାନ ଓ କୌଶଳ ପ୍ରଦର୍ଶନ କରିଛନ୍ତି ତାହାର ତୁଳନା ନାହିଁ। ଗତିଶୀଳ ମୋଟର କାର୍‌କୁ ଅଟକାଇବା, ଲୁହାଛଡକୁ ବଙ୍କା କରିବା ଓ ମୌତ୍ କା କୁଆଁରେ ମୋଟର ସାଇକେଲ୍ ଚାଳନା ସାଙ୍ଗକୁ ୧୯୩୯-୪୦ରେ ଏକ ସର୍କସ ଶୋ କରି ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ଏକ ଆକସ୍ମିକ ଝଡ ବାତ୍ୟାରେ ତାଙ୍କର ଏହି ସବୁ ଯୋଜନା ଧୂଳିସାତ ହୋଇଗଲା। ଭଗବାନ ଏହା ପରେ ମୁହାଁଇଲେ ତାଙ୍କର ନୃତ୍ୟ ଜଗତକୁ । ଗ୍ରାମୀଣ ପରିବେଶରେ ସେ ବିଭିନ୍ନ ପୁରାଣ ପ୍ରସିଦ୍ଧ ନାଟକର ଚରିତ୍ରଗୁଡିକ ପ୍ରତି ଆକୃଷ୍ଟ ହୋଇଥିଲେ। ଓ ତା'ଙ୍କ ମଧ୍ୟରେ ରହିଥିବା ଅତୃପ୍ତ ତୃଷା ମେଣ୍ଟାଇବାକୁ ଆଗେଇଲେ। ୧୯୫୪ରେ ତାଙ୍କୁ ଯେତେବେଳେ ୪୦ ବର୍ଷ ସେ ଗଠନ କଲେ ନରେନ୍ଦ୍ରପୁର କଳା ବିକାଶ କେନ୍ଦ୍ର । ଆଚରଣରେ ନମ୍ର ଅଥଚ ବିଚାରରେ ଦୃଢ। ଭଗବାନ ସାହୁ ଡ କପିଳାବାତ୍ସାୟନ, ଧୀରେନ୍ ଦାସଙ୍କ ଭଳି ପ୍ରବୀଣ ବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରି ୧୯୭୪ରେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ୧୯୮୪-୮୫ରେ ମଧ୍ୟ ପ୍ରଦେଶ ସରକାରଙ୍କ ତୁଳସୀ ସମ୍ମାନ ଲାଭ କଲେ। ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଲେ ୧୯୭୮ରେ। ୧୯୯୨ରେ ଭଗବାନ ସାହୁଙ୍କୁ ମିଳିଲା ସମ୍ମାନଜନକ ପଦ୍ମଶ୍ରୀ ଉପାଧି। ସମ୍ମାନ, ପୁରସ୍କାର ଓ ଉପାଧି ଭଗବାନ ସାହୁଙ୍କୁ କେବେବି ତାଙ୍କ ନୃତ୍ୟ ସାଧନାକୁ ଭିନ୍ନ ଗତିରେ ନେବାକୁ ଦେଇନାହିଁ । ଏହା ତାଙ୍କର ବିଶେଷତା । ବୟସାଧିକ ସତ୍ତ୍ୱେ ସେ କଳା ବିକାଶ କେନ୍ଦ୍ରର ନିୟମିତ କାର୍ଯ୍ୟଧାରା ତଦାରଖ କରୁଥିଲେ ଶେଷ ପର୍ଯ୍ୟନ୍ତ। ଭାରତ ବାହାରେ ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ସମେତ ବିଭିନ୍ନ ଦେଶରେ ଭଗବାନ ସାହୁ ନୃତ୍ୟକଳା ପ୍ରଦର୍ଶନ କରି ସମ୍ମାନର ଅଧିକାରୀ ହୋଇଛନ୍ତି। ୨୦୦୨ ମସିହାରେ ୮୮ ବର୍ଷ ବୟସରେ ଭଗବାନ ସାହୁ ସ୍ୱର୍ଗାରୋହଣ କରିଛନ୍ତି। ଜୀବଦ୍ଦଶାରେ କିମ୍ବଦନ୍ତୀ ବା ପ୍ରବାଦ ପୁରୁଷରେ ରୂପାନ୍ତରିତ ହେବାର ସୌଭାଗ୍ୟ ଯଦି କିଛି ଲୋକଙ୍କ ଭାଗ୍ୟରେ ଯୁଟିଥାଏ ଭଗବାନ ସେମାନଙ୍କ ମଧ୍ୟରେ ଜଣେ। ତାଙ୍କର ପ୍ରଦର୍ଶିତ ମାର୍ଗ ଯୁବ କଳାକାର ପିଢୀ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

# ସମୟ

**ଧାରାବାହିକ କାହାଣୀ**

**ପୂର୍ବ ପ୍ରକାଶିତ ଉତ୍ତାରୁ**

ଦୋକାନ ବନ୍ଦ କରି ରବି ଘରକୁ ଆସିଲା । ଏଣେ ଘରେ ଶାଶୁ ବୋହୂ ଚୁପ୍ । ବୋଧହୁଏ କୁନି ତାଙ୍କୁ ସବୁକଥା କହି ଦେଇଥିଲା। ରବିକୁ ଦେଖି ରିନା ବୋଉ ଆଖିରୁ ଦୁଇଧାର ଲୁହ ବହି ଗଲା। ରବି ତା ବୋଉକୁ ଭିଡି ଧରି କହିଲା, 'ବୋଉ, ବାପାଙ୍କୁ କେମିତି ବୁଝେଇବି କହ? ସେ' ତ ଏମିତି ଖୁସିରେ ଗାଁ ସାରା ବୁଲୁଛନ୍ତି ଯେ ସତେ ଯେମିତି ଏବେ ହିଁ ମୋ ପୁଅ ଜନ୍ମ ହୋଇଗଲାଣି । ଆଜି ମୋ ଦାକାନ ଆଗରେ ସମସ୍ତ ଗରାଖ ମାନଙ୍କ ଆଗରେ ଏମିତି ଲଡୁ ବାଣ୍ଟିଲେ ଯେ କାଲି ମୁଁ କାହାକୁ କି ମୁହଁ ଦେଖେଇବି ଜାଣିପାରୁନି?'

ରିନା ବୋଉ ଆଖିରୁ ଲୁହ ପୋଛୁ ପୋଛୁ କହିଲା,'କିନ୍ତୁ ବାପ, ଭଗବାନ ଦେଲେ କିଏ ରଖିପାରିବ? କେଜାଣି ଭଗବାନଙ୍କ ଆଶୀର୍ବାଦ ଥିବ। ତୁ ଯା ଟିକେ ମନ୍ଦିର ଆଡେ, ପ୍ରାର୍ଥନା କରିବୁ, ଦେଖିବୁ ସବୁ ଠିକ୍ ହୋଇଯିବ।'

ରବି କହିଲା, 'ବୋଉ, ଆଉ ପ୍ରାର୍ଥନା କଲେ ହେବନି। ମୁଁ ଡାକ୍ତରଙ୍କ ପାଖକୁ ଯାଇଥିଲି। ସେ କିଛି କରିପାରିବେନି ବୋଲି କହିଛନ୍ତି।'

'ତଥାପି' ରିନା ବୋଉ କିଛି କହିବାକୁ ଉଦ୍ୟତ ହେଉଥିଲା, ରବି ଚିତ୍କାର କରି କହିଲା, 'ମୁଁ କେବେ ବି ବାପା ହେଇ ପାରିବିନି, ବୋଉ। ତୁ କାହିଁକି ଏତେ ହେଉଛୁ?'

ଦୁଆର ପାଖରେ ସ୍ଥାଣୁ ପ୍ରାୟ ଠିଆହୋଇ ରହିଲେ ରବିର ବାପା। ଘରଭିତରକୁ ପଶିବା ପୂର୍ବରୁ ସବୁ କିଛି ଶୁଣିସାରିଥିଲେ ସେ। ରିନା ବୋଉର ଆଖି ସହିତ ଆଖି ମିଶିବାରୁ ସେ ହତବତେଇ ଯାଇ କୁନିକୁ ଚାହିଁଲେ। କୁନି ନିର୍ବିକାର ଭାବରେ ଠିଆ ହୋଇଥିଲା। ମନରେ ଗ୍ଲାନି ନଥିଲା, କିମ୍ବା ଦୁଃଖ ନଥିଲା। ବାବୁ ଯାଇ କୁନିକୁ ଧରି କହିଲେ, 'ମା'ଲୋ ମୋତେ କ୍ଷମା କରିଦେ।'

କୁନି ବାବୁଙ୍କୁ ଆଶ୍ୱାସନା ଦେଇ କହିଲା, 'ବାପା ଆପଣ ଇୟେ କଣ କହୁଛନ୍ତି? ଏଥିରେ ଆପଣଙ୍କ ଦୋଷ କେଉଁଠି? ଯଦି ତାଙ୍କରି ସ୍ଥାନରେ ମୁଁ ଅଭାଗିନୀ ହୋଇଥାଆନ୍ତି ତେବେ କଣ ଆପଣ ଏହା କହିଥାନ୍ତେ।' ବାବୁ ଦୁଃଖି ହେଲେବି ମନରେ ଶାନ୍ତି ପାଇଥିଲେ, କାରଣ ଏତେ ବୁଝିବା ଭଳି ବୋହୂଟିଏ ପାଇଛନ୍ତି ବୋଲି ମନେ ମନେ ଗର୍ବ କରୁଥିଲେ।

ସଂଧ୍ୟାରେ ରବି ବୋହୂକୁ ଧରି ବାହାରି ଗଲା। ରାତି ନ'ଟା ବେଳକୁ ଦୁହେଁ ଫେରିଲେ । ରିନାବୋଉ ଖାଇବା ପାଇଁ ବାଡିଦେଲା, ରବି ଖାଇବାକୁ ମନା କରୁଥିଲା, କିନ୍ତୁ କୁନି ବୁଝେଇ ଦେଇ ଖୁଆଇଦେଲା। ବାବୁ ଖାଇସାରି ଟିଭି ଦେଖୁ ଦେଖୁ କହିଲେ, 'ରିନା ବୋଉ, ମୁଁ ଭାବୁଛି, ରବିକୁ ଟିକେ କହିବି, କଟକ ଯା' ବଡ ଡାକ୍ତରଖାନାରେ କେତେ ବଡବଡ ଡାକ୍ତର ଅଛନ୍ତି, ତାହାର ନିଶ୍ଚୟ କିଛି ବ୍ୟବସ୍ଥା କରିଦେବେ। ଆଜିକାଲି ଯୁଗ ବଦଳିଲାଣି। ବିଜ୍ଞାନ ଦ୍ୱାରା ଲୋକେ ଚନ୍ଦ୍ରକୁ ଗଲେଣି, ତାହେଲେ ଏଇ ସାମାନ୍ୟ କଥାକୁ ଚିନ୍ତା କିଆଁ।'

ରିନା ବୋଉ ମନକୁ କଥାଟା ପାଇଲା। କିନ୍ତୁ ରବି ଯିବାକୁ ଅମଙ୍ଗ ହେଉଥିଲା। ଶେଷରେ

ବାବୁ କହିଲେ, ସେ ନିଜେ ଯାଇ ଦୋକାନ କଥା ଦେଖାଶୁଣା କରିବେ। କୁନି ମଧ୍ୟ ଚାହୁଁଥିଲା, ସେଇମିତି କିଛି। ଦୁହେଁ ଆରଦିନ ହିଁ କଟକ ପାଇଁ ଯାତ୍ରା କଲେ। କଟକ ଯାଇ ଦୁଇ ଦିନ ହୋଇଗଲା, ରବି ଆଉ କୁନିର ଖବର କିଛି ଜାଣି ହେଲାନି। ବାବୁ ଏଣେ ଦିନସାରା ଦୋକାନରେ ବସି ଆସିବା ଯିବା ଗାଡି ଉପରେ ନିଘା କରିଥାନ୍ତି। ରିନା ବୋଉ ତେଣେ ଘରେ ଆଉ କୌଣସି ଜିନିଷରେ ମନ ଲାଗୁନାହିଁ ବୋଲି ଟିଭି ଲଗେଇ ବସିଛି। ତୃତୀୟ ଦିନ ସଂଧ୍ୟାବେଳକୁ ଦୁହେଁ ଫେରିଲେ। ବାବୁ ଦୋକାନ ବନ୍ଦକରି ଦୁହିଁକୁ ଘରକୁ ଆଣିଲେ, ରିନା ବୋଉ ସ୍ନେହରେ କୁନିକୁ ଆଉ ରବିକୁ ଅଣ୍ଡାଳି ପକାଇଲେ।

ଖିଆ ପିଆ ସାରି ରାତିରେ ବାବୁ ସପରିବାର ବସି କଟକ ଖବର ଶୁଣିବାକୁ କହିଲେ। କୁନି କହିଲା, 'ବାପା,

କଟକ ଡାକ୍ତର କହିଲେ, ଟଙ୍କା ଖର୍ଚ୍ଚ କଲେ ସେ ବାପା ହେଇପାରିବେ। ତାଙ୍କର ସବୁ ପ୍ରକାର ପରିକ୍ଷା କରି ଦେଖିଲେ, କହିଲେ ସବୁ ଠିକ ଅଛି, ଖାଲି ଟିକେ କଣ ଅସୁବିଧା ହେଇଯାଉଛି। ସେଇଥି ପାଇଁ ଦଶ ବାର ହଜାର ଟଙ୍କା ଲାଗିବ ବୋଲି କହିଲେ। ଏୟା ଶୁଣିବା ପରେ ଯାଇ ସେ ଶାନ୍ତି ହେଲେ, ଆଉ କହିଲେ ଚାଲ ପୁରୀ ଯିବା। ସେଇଠୁ ବାହାରି ଆମେ ପୁରୀ ଚାଲିଗଲୁ। ଆମ ମାଉସୀଙ୍କ ଝିଅଟେ ସେଇଠି ବାହା ହୋଇଛି, ତାଙ୍କରି ଘରେ ଦୁଇ ଦିନ ରହି ଆସିଲୁ।'

ଏ କଥା ଶୁଣି ବାବୁଙ୍କ ମୁହଁରେ ଚମକ ଆସିଗଲା। ରିନା ବୋଉ ବାବୁଙ୍କ ମୁହଁରେ ଚମକ ଦେଖି ଖୁଶି ହୋଇଗଲା। ବାବୁ କହିଲେ, 'ତୁ କାଲି ହିଁ ଚାଲି ଯା ଆଉଥରେ କଟକ, ଆଉ ଯାହା ଚିକିତ୍ସା କରିବା ଅଛି କରିଦେଇ ଆ।'

ରବି ବାବୁଙ୍କ ମୁହଁକୁ ଦେଖି କହିଲା, 'କିନ୍ତୁ ଏତେ ଟଙ୍କା? ଆଉ ପୁଣି ସେଇଠି ସାତ ଆଠ ଦିନ ରହିବାକୁ ହେବ? ଡାକ୍ତର କହିଲେ ଏମିତି ଥରେ ନୁହେଁ ଦୁଇ ଥର ନୁହେଁ ଅନେକ ଥର କଟକ ଯିବାକୁ ହେବ ଯେତେବେଳ ଯାଏଁ ମୁଁ ବାପା ହୋଇନି?'

ବାବୁ ରିନାବୋଉକୁ ଚାହିଁ କହିଲେ, 'ତୁମେ ଏବେ ତୟାର ହୋଇଯାଅ, ପୁଅବୋହୁ ସାଥିରେ କଟକ ଯିବ, ଆଉ ପୁଅକୁ ଚିକିତ୍ସା କରି ନେଇ ଆସିବ। ଆଉ ବାପ ରବି, ତୁ ପଇସା କଥା ଚିନ୍ତା କରନା, ତୋ ବାପା ବଞ୍ଚିଛି। ଯେତେ ଦରକାର ନେ।' ରିନା ବୋଉ ଆଷ୍ଚର୍ଯ୍ୟ ହୋଇ ଚାହିଁଲା ପରେ କହିଲେ, 'କଣ ଭାବୁଛ? ପଇସା କେଉଁଠୁ ଆସିଲା? ଆରେ ସୁଖଦୁଃଖକୁ ଚାହିଁ କିଛି ପଇସା ମୁଁ ବି ବ୍ୟାଙ୍କରେ ରଖିଛି। ଆଉ ରବିର



ବାହାଘରେ କୁନି ଘର ଯାହା ଦେଇଥିଲେ, ସେ ଟଙ୍କାଟା ବି ଅଛି। ଯଥେଷ୍ଟ ହେବ।' ସମସ୍ତେ ଖୁଶି ହୋଇଗଲେ।

ଦୁଇ ମାସ ବିତିଗଲା, ବାରମ୍ବାର କଟକ ଯାଇ ଆସି ରିନାବୋଉର ଜୀବନ୍‌ସାରା ଯେଉଁ ଘରକୋଣରେ ବନ୍ଦୀ ଜୀବନ କାଟିଥିଲା ତା'ଠୁ ଢେର ଅଧିକ ଖୁଶି ପାଇଗଲା। କଟକରେ ଯାଇ ବଡ ଡାକ୍ତର ଖାନାରେ ପୁଅକୁ ଦେଖାଇ ଆଣି ରିନାବୋଉ କେତେ କାମିକା ତାହା ଦେଖାଇସାରିଥିଲା।

ବାବୁ ଏବେ କଥା ଛଳରେ କହୁଥିଲେ, 'ରିନାବୋଉ ତୁମେ ତ ଇନ୍ଦିରା ଗାନ୍ଧି ହେଇଗଲ।'

ସକାଳୁ ସକାଳୁ ରିନାବୋଉ ଉଠି ଘର ଦୁଆରେ ଗୋବର ପାଣି ପକାଇଲା ବେଳକୁ କୁନି ଆହୁରି ଶେଜରୁ ଉଠି ନଥିଲା। ରବି ତରତର ହୋଇ ଦୋକାନ ଖୋଲିବା ପାଇଁ ଚାଲିଗଲା। ଦିନ ଦିପହର ହେଲାଣି ଝିଅଟା କାହିଁକି ଉଠିଲାନି ବୋଲି ରିନାବୋଉ କୁନି ପାଖକୁ ଗଲା। କୁନି ଶାନ୍ତ ଶିଶୁଟିଏ ପରି ଶୋଇଥିଲା। ତା'ମୁଣ୍ଡ ଅଣ୍ଡାଳି ଦେଲା ପରେ ସେ ଉଠି ପଡିଲା। କାନ୍ଥଘଣ୍ଟାରେ ସମୟ ଦେଖି ତରତର ହୋଇ ଉଠିବାକୁ ଚେଷ୍ଟା କରୁ କରୁ ଶେଜରେ ପଡିଗଲା। ରିନାବୋଉ ତାକୁ ଶୀଘ୍ର ଶୀଘ୍ର ନ ଉଠି ଅଳସ ମାରି ଉଠିବାକୁ କହିଦେଇ ଆସିଲା।

କେତେ ଭଲ ଝିଅଟି ସେ। ଏତେ ଥର କଟକ ଯିବା ଆସିବା ଇତ୍ୟାଦି ଭିତରେ ଶାଶୁକୁ ସବୁ ପ୍ରକାର ସାହାଯ୍ୟ କରିଦେଇ ଥିଲା ସେ। ଏକା ଏକା ଘରର ସବୁ କାମ କରି କରି ଥକି ଯାଇଥିବ ଭାବି ରିନାବୋଉ ନିଜେ ନିଜେ ଚୁଲିରେ ଚା କରିବା ପାଇଁ ପାତ୍ର ବସାଇଲା ବେଳକୁ କୁନି ଆସି କହିଲା, 'ବୋଉ, ଆଜି କେତେ ଡେରି ହୋଇଗଲା, ମୋ ଆଖି ଲାଗିଗଲା ତ।' ରିନାବୋଉ କହିଲେ, 'ତୁ କାହିଁକି ଉଠି ଆସିଲୁ? ଯା ଟିକେ ଶୋଇପଡିବୁ। କେତେ ପରିଶ୍ରମ କରୁଚୁ, ମୁଁ ବୁଝୁଛୁ ଲୋ ମା'। ଏ ବୟସରେ ଏତେ ଦୁଃଖ ଦେଖିଲୁ, କଷ୍ଟ ଭୋଗିଲୁ। ଆମେ ବୁଡାବୁଡୀ ପାଇଁ କେତେ କରୁଛୁ।' ତଥାପି କୁନି ରିନା ବୋଉ ହାତରୁ ଛଡେଇ ନେଇ ଚା' କଲା ବେଳକୁ ବାବୁ ଦୁଆର ଆଡୁ ଆସିଲେ।

ଶାଶୁବୋହୁ କଣ କଥା ହେଉଛ କହି ଘରକୁ ପଶି ଆସୁ ଆସୁ କହିଲେ, 'ଆଜି ରଘୁ ପଣ୍ଡିତେ ଦେଖା ହେଇଥିଲେ। ଛକଉପରେ ବାହାରି ଥିଲେ କଟକ ଯିବା ପାଇଁ। କହିଲେ ଏସନ ସବୁ ଠିକ ହେଇଯିବ, କାଳେ ରାହୁ ଆଉ କେତୁର ପ୍ରଭାବ ଏତେ ରହିବନି।'

କୁନି ଚା କପଟା ବାବୁଙ୍କୁ ଦେଉ ଦେଉ ପୁଣି ଥରେ ଥକି କି ତଳେ ବସି ପଡିଲା। ବାବୁ କହିଲେ,' ଏତେ ପରିଶ୍ରମ କଲେ ଦେହ ଖରାପ ହେବ ଲୋ ମା'। ଟିକେ ଦେଖି ଚାହିଁ ରହୁଥା। ରିନାବୋଉ, କୁଆଡେ ଗଲ? ଝିଅଟା ଥକି ପଡୁଛି ଆଉ ତୁମେ ତାକୁ କାମ କରିବାକୁ କେମିତି କହୁଛ? ଯା ମା' ବିଶ୍ରାମ କରିବୁ ଯା।'

କୁନି କହିଲା, 'ନାଇଁ ବାପା, ମୋତେ କିଛି ହେଇନି। ଏମିତି ଟିକେ ଦୁର୍ବଳ ଲାଗିଗଲା।'

ବାବୁ କହିଲେ, 'କଟକ ଯାଇ ଯାଇ ତୋ ଦେହ ଖରାପ ହୋଇଗଲାଣି। ଆଜି ରବିକୁ କହିବି ତୋ ପାଇଁ ଟନିକ୍ ବୋତଲ କଣ ଗୋଟେ ଆଣିଦେବ।'

ଦିପହରକୁ ରବି ଘରକୁ ଆସି ଗାଧୋଇ ଖାଇବାପାଇଁ ବସିଲା ବେଳକୁ କୁନି

ଚୁପଚାପ ବସିଥିବା ଦେଖି କହିଲା, 'କଣ ହେଲା? ଏମିତି ଚୁପ୍‌ଚାପ୍ ବସିଛ ଯେ? ବୋଉ କାମ କରୁଛି ଆଉ ତୁମେ ବସିଛ?'

କୁନି କିଛି କହିବା ପୂର୍ବରୁ ରିନାବୋଉ କହିଲା, 'ତୋତେ କଣ ଜଣା, ତୋ ଦେହ ଦେଖା ପାଇଁ କଟକ ଯାଇ ଯାଇ ତା ଦେହ ଖରାପ ହେଲାଣି। ଆଜି ସକାଳୁ ଦୁର୍ବଳ ଲାଗୁଛି ବୋଲି କହିଲା ତେଣୁ ତୋ ବାପା ମନା କରିଛନ୍ତି କିଛି କାମ କରିବା ପାଇଁ। କେତେବେଳେ ଟିକେ ଡାକ୍ତର ପାଖକୁ ନେଇଯା। ବାପା କହୁଥିଲେ କଣ ଟନିକ ଆଣି ଖାଇବାକୁ ଦେ।'

ରବି ଖାଇସାରି ପୁଣି ଦୋକାନକୁ ଯିବାକୁ ବାହାରିଲା। ଗଲାବେଳେ କହିଲା,'ବୋଉ, କୁନିକୁ କହିଦେବୁ ତୟାର ହୋଇଥିବ ମୁଁ ସଂଧ୍ୟାରେ ଆସିଲେ ଡାକ୍ତରଙ୍କ ପାଖକୁ ଯିବ, ତୁ ବି ତୟାର ଥିବୁ, ତା ସାଙ୍ଗରେ ଯିବା ପାଇଁ।'

ସଂଧ୍ୟାରେ ଡାକ୍ତରଙ୍କ ପାଖରେ କୁନିର ପରିକ୍ଷା ପରେ ଡାକ୍ତର କହିଲେ ସେ ମା' ହେବାକୁ ଯାଉଛି। ଏହା ଶୁଣି ମା ପୁଅ ଦୁଇଜଣ କାନ୍ଦି ପକାଇଲେ। ଘରକୁ ଆସିବା ବାଟରେ ରବି ମିଠା କେଜିଟେ କିଣି ଆଣିଲା। ଘରକୁ ପଶିଲା ବେଳେ ବାବୁଙ୍କ ହାତକୁ ମିଠା ପୁଡାଟା ବଢ଼ାଇ ଦେଇ ରବି ଫେରିଗଲା ଦୋକାନକୁ। କୁନି ଆଉ ରିନାବୋଉ ଘର ଭିତରକୁ ଗଲେ, ପଛେ ପଛେ ବାବୁ ମିଠାପୁଡାଟା ଧରି ଘର ଭିତରକୁ ଆସି କହିଲେ, 'କଣ ହେଲା? ଟନିକ୍ ଦେଲେ ଡାକ୍ତର? ଦେହ ଭଲ ଅଛିନା? ନେ ଏ ମିଠା ପୁଡାଟା ରଖିଦେ ରବି ଦେଇକି ଗଲା।'

ରିନା ବୋଉ ହସି ଦେଇ କହିଲେ, 'ତୁମେ ଜାଣିପାରିଲନି? ରବି ବାପା ହେବ ପରା। ସେଇଥି ପାଇଁ ଏ ମିଠା ଆଣି ଦେଇଗଲା।' ଆଉ କିଛି କହିବା ପୂର୍ବରୁ ବାବୁଙ୍କ ଆଖିରୁ ଧାରେ ଲୁହ ଲମ୍ବିଗଲା। ହସିଦେଇ କହିଲେ, 'ହେ ଜଗନ୍ନାଥ, ଯାହା ତୁମର ଲୀଳା ପ୍ରଭୁ।'

ଅବଶିଷ୍ଟାଂଶ ଆଗାମୀ ସଂସ୍କରଣରେ

# ଖୁଦୁରୁକୁଣୀ ଓଷା

ଭାଦ୍ରବ ମାସର ପ୍ରତ୍ୟେକ ରବିବାରକୁ ମହିଳା ମାନେ ପାଳନ୍ତି, ଖୁଦୁରୁକୁଣୀ ଓଷା ନାମରେ। ସେମିତିରେ ଓଡିଶାରେ ପ୍ରତି ମାସ ପ୍ରତି ଦିନ ଏକ ଅନନ୍ୟ ଓଷା ବ୍ରତରେ ପାଳିତ ହୁଏ କିନ୍ତୁ ଏହି ଓଷା ଏକ ବିଶେଷ ପୂଜା କାରଣ ଏହି ପୂଜା ପଛରେ ରହିଥିବା କିମ୍ବଦନ୍ତୀ ପ୍ରାଚୀନ ଉତ୍କଳୀୟ ପରଂପରାର ଏକ ଉଜ୍ଜଳ ନିଦର୍ଶନ। ଆମେ ଜାଣିନୁ କେବେ ଆଉ କେମିତି ଉତ୍କଳୀୟ ମାନେ ନୌବାଣିଜ୍ୟ କରିବା ଆରମ୍ଭ କଲେ କିନ୍ତୁ ଏହା ସର୍ବଜନ ବିଦିତ ଯେ ଆମେ ହେଉଛୁ ବିଶ୍ୱର ପ୍ରଥମ ସଭ୍ୟତା ଯେଉଁମାନେ ଜଳମାର୍ଗରେ ଯାତ୍ରା କରି ବେପାର ବଣିଜ କରୁଥିଲେ। ଏମିତି ଅନ୍ୟ କୌଣସି ସଂସ୍କୃତିରେ ଉଲ୍ଲେଖ ନାହିଁ।

ଏହି ବ୍ୟାପାରୀ ସାତ ଭାଇଙ୍କ ଅଲିଅଳି ସାନ ଭଉଣୀ ତଅପୋଇ ଉପରେ ଆଧାରିତ କାହାଣୀ ସମସ୍ତେ ଊଣା ଅଧିକେ ଜାଣିଥିବେ। ତଥାପି ଆମର ପାଠକ ମାନଙ୍କ ପାଇଁ ପୁଣିଥରେ ଉପସ୍ଥାପନ କରୁଛୁ ଏହି କାହାଣୀର ସଂପାଦିତ ଅଂଶ।

ଥରେ ଉତ୍କଳରେ ରହୁଥିଲେ ଏକ ବ୍ୟାପାରୀ ପରିବାର। ପରିବାରରେ ସାତଭାଇ ଭାଉଜଙ୍କ ସହିତ ରହୁଥିଲା ଅଲିଅଳି ଭଉଣୀ ତଅପୋଇ। କିନ୍ତୁ ତଅପୋଇର ଶୀରୀ ଭାଉଜମାନେ ସହିପାରିଲେ ନାହିଁ। ଭାଇମାନେ ବେପାର ବଣିଜ କରିବାପାଇଁ ଗଲାପରେ ବଡ ବୋହୁମାନେ ତଅପୋଇକୁ କଷ୍ଟଦେଲେ। ସେମାନଙ୍କ ଘରେ ଥିଲା ଗୋଟିଏ ଛେଳି ନାଁ ଥିଲା, 'ଘରମଣୀ' ଦିନେ ସେ କୁଆଡେ ଚାଲିଗଲା, ତେଣୁ ବଡ ବୋହୁମାନେ ତାକୁ ଘରୁ ବାହାର କରିଦେଲେ। ତଅପୋଇ କାନ୍ଦି କାନ୍ଦିଯାଇ ଜଙ୍ଗଲରେ ଥିବା ବେଳେ ମା ମଙ୍ଗଳା ତା'କୁ ସାହା ହେଲେ। ବୁଢୀ ବେଶରେ ଆସି ସେ ତାକୁ ଖୁଦୁରୁକୁଣୀ ପୂଜା କରିବାକୁ ପ୍ରସ୍ତାବ ଦେଲେ ଯାହା ଦ୍ୱାରା ତଅପୋଇର ଭାଇମାନେ ସକୁଶଳେ ଆସି ଦେଶରେ ପହଞ୍ଚିଲେ। ଏହା ପରେ ସେମାନେ ଘରକୁ ଯିବାବେଳେ ଜଙ୍ଗଲରୁ ତଅପୋଇର କ୍ରନ୍ଦନ ସ୍ୱର ଶୁଣି ଆସି ତାହାକୁ ଘନ ଜଙ୍ଗଲରୁ ରକ୍ଷାକଲେ।

ତଅପୋଇଠାରୁ ସକଳ ବୃତାନ୍ତ ଶୁଣି ସାରି ଭାଇମାନେ ତାକୁ ସାଥିରେ ନେଇ ଜାହାଜକୁ ଗଲେ ଏବଂ ବିଦେଶରୁ ବୋହି ଆଣିଥିବା ଅଜସ୍ର ସୁନା ରୁପାରେ ସଜେଇ ଦେଇ ଘରକୁ ଖବର ଦେଲେ। କହିଲେ ଜାହାଜରେ ପ୍ରତ୍ୟକ୍ଷ ଠାକୁରାଣୀ ବିଜେ ହୋଇଛନ୍ତି ପ୍ରସାଦ ପାଇବ ଆସ। ଏହାପରେ ଯେତେବେଳେ ଦୁଷ୍ଟ ବୋହୁମାନେ ଆସିଲେ ତଅପୋଇ ସେମାନଙ୍କ ନାକ କାଟିଦେଲା ଆଉ ସାନ ଭାଉଜ ଯେ' ସବୁବେଳେ ତା'କୁ ସାହାଯ୍ୟ କରୁଥିଲେ ତାହାଙ୍କୁ କୁଣ୍ଢାଇ ଧରିଲା। ତଅପୋଇ ଜଙ୍ଗଲରେ ଥିବା ସମୟରେ ମା ମଙ୍ଗଳାଙ୍କ କୃପା ହେବା ଦ୍ୱାରା ତାହାର କୌଣସି ଅସୁବିଧା ହେଲା ନାହିଁ ସେଇଥିପାଇଁ ଝିଅମାନେ ଏହି ପୂଜାକୁ ନିଷ୍ଠୟ ଭାବରେ ପାଳନ କରନ୍ତି। ଏହି ପୂଜାରେ କୌଣସି କଠିନ ନିୟମ ନଥାଏ, ଯାହା ବି ଦେଇ ପୂଜା କରାଯାଏ। ସମ୍ଭବତଃ




13/08/2006


13/08/2006


13/08/2006


13/08/2006

ମା'ଙ୍କୁ ଏଠାରେ ଖୁଦ ପାଇଁ ରଙ୍କୁଣୀ ବୋଲି ଦର୍ଶାଯାଇ ଥିବାରୁ ଏହା କୁ ଖୁଦ ରଙ୍କୁଣୀ ବା ଖୁଦୁରୁକୁଣି ବୋଲି କୁହା ଯାଏ।


ତଥ୍ୟ: ପ୍ରୀତି ପ୍ରିୟଦର୍ଶିନୀ
ଫୋଟୋ: ସୁଚିତ୍ର ସାହୁ
ଉପସ୍ଥାପନା:
ଡ ଜ୍ୟୋତି ପ୍ରସାଦ ପଟ୍ଟନାୟକ


## ଆମ ଠିକଣା:


ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର-୭୬୦୦୧୦, ଓଡିଶା,
ଫୋନ: ୯୨୩୮୬୮୫୬୯୮
ଇ-ମେଲ୍: dr.odia@gmail.com


ଏହି ମାସର ଓଡିଆ ୱେବ୍‌ସାଇଟ୍ ନିର୍ମାଣ ବେଳେ ଅହେତୁକ ବାଧା ଉପୁଜିବା ହେତୁ ଆମେ ଅନିଚ୍ଛା ସତ୍ତ୍ୱେ ପ୍ରଥମ ଥର ପାଇଁ ଓଡିଆ ପତ୍ରିକା ଆହ୍ୱାନ ପାଇଁ ଏକ ଇଂରେଜୀ ୱେବ୍‌ସାଇଟ୍ ନିର୍ମାଣ କରିବାକୁ ବାଧ୍ୟ ହେଲୁ।

ଅବଶ୍ୟ ଆଉ କିଛି ଦିନ ମଧ୍ୟରେ ଆମେ ଏହି ୱେବ୍‌ସାଇଟ୍‌କୁ ପୁଣି ପୂର୍ବପରି ଓଡିଆରେ ହିଁ ପ୍ରସ୍ତୁତ କରିବୁ। ଆପଣ ମାନେ ଆମର ଏହି ପ୍ରୟାସ ପାଇଁ ନିଜର ମତାମତ ଆମ ନିକଟକୁ ଲେଖିପଠାଇ ପାରନ୍ତି ନତୁବା ଆମର ମତାମତ ପୃଷ୍ଠାରେ ନିଜେ ଲେଖି ଦେଇ ପାରନ୍ତି। ଧନ୍ୟବାଦ।




ଆହ୍ୱାନ୍

## ବିଶେଷ ସୂଚନା

ଆମର ଏହି ପ୍ରୟାସକୁ ଆପଣ ମାନଙ୍କ ପାଖରେ ପହଞ୍ଚାଇବାପାଇଁ ଆମେ ଆହ୍ୱାନ କରୁଛୁ ଆପଣଙ୍କ ସହଯୋଗ। ଆମେ ନୂଆ ୱେବ୍ ସାଇଟ୍ ଖୁବ ଶୀଘ୍ର ଆଣିବୁ ସତ ହେଲେ ବର୍ତ୍ତମାନ ଆପଣ ମାନଙ୍କୁ ଅନୁରୋଧ କରୁଛି ଆପଣ ମାନେ ଆମର ନୂଆ ଗ୍ରୁପ୍‌ରେ ସାମିଲ୍ ହୁଅନ୍ତୁ। ନିଜ କଂପ୍ୟୁଟର୍‌ରେ ଇଣ୍ଟର୍‌ନେଟ୍ ସଂଯୋଗ କରିବା ପରେ ଆମ ଗ୍ରୁପ୍‌ର ୱେବ୍ ଆଡ୍ରେସ୍ ଦିଅନ୍ତୁ, ଏବଂ ଆଜି ହିଁ ଏଥିରେ ସଦସ୍ୟ ହୁଅନ୍ତୁ। ଏହାଦ୍ୱାରା ଆମେ ଜାଣି ପାରିବୁ, ଆହ୍ୱାନ କେତେଜଣଙ୍କ ପାଖରେ ପହଞ୍ଚୁଛି। ଆଉ ଆପଣ ମାନେ ମଧ୍ୟ ସମୟ ସମୟରେ ହେଉଥିବା ଘୋଷଣା ଓ ବିଜ୍ଞାପନ ସବୁ ସହଜରେ ପାଇପାରିବେ। ଏବଂ ଏହାଦ୍ୱାରା ଅଯଥା ଇ-ମେଲ୍ ସବୁ ଆପଣଙ୍କ ମେଲବକ୍ସରେ ପହଞ୍ଚିବନାହିଁ। ଏହି ଗ୍ରୁପ୍ ସଂପ୍ରତି କେବଳ ସମସ୍ତ ସଦସ୍ୟଙ୍କୁ ବିଭିନ୍ନ ପ୍ରକାରର ବିଜ୍ଞାପନ ଯଥା ଆହ୍ୱାନର ଆଗାମୀ ସଂସ୍କରଣ ପାଇଁ ଲେଖା ଆହ୍ୱାନ କରିବା, ଏହି ଇ-ପତ୍ରିକାର ଉନ୍ନତି ପାଇଁ ଆପଣଙ୍କ ସୁଚିନ୍ତିତ ମତାମତ ନେବା ଇତ୍ୟାଦି ପାଇଁ ବ୍ୟବହାର କରାଯିବ। ଏଥିରେ କେହି ସଦସ୍ୟ କୋଣସି ପ୍ରକାରର ଅଯଥା ସମ୍ବାଦ କିମ୍ବା ବିଜ୍ଞାପନ ଦେଇପାରିବେ ନାହିଁ। ସେଇଥିପାଇଁ ଆପଣ ନିର୍ଭୟରେ ନିଜ ନିଜ ଇ-ମେଲ ଆଇ ଡି ଦେଇ ସଦସ୍ୟ ହୋଇପାରନ୍ତି। ଯଦି ଭବିଷ୍ୟତରେ ସମ୍ଭବ ହୁଏ ତେବେ ପ୍ରତ୍ୟେକ ସଦସ୍ୟଙ୍କୁ ଗୁଗ୍‌ଲ୍ ମେଲ୍‌ର ଇ-ମେଲ୍ ସଦସ୍ୟତା ମାଗଣାରେ ଉପହାର ସ୍ୱରୂପ ଦିଆଯାଇପାରେ।

## ବିଶେଷ ସୂଚନା

ଆମ ଏହି ପତ୍ରିକାରେ ପ୍ରକାଶ ପାଉଥିବା ଅନେକ ଗଳ୍ପ ଓ କାହାଣୀ ଆପଣମାନଙ୍କୁ ନିଶ୍ଚୟ ଭାବରେ ଭଲ ଲାଗିଥିବ। ଯଦି ଆପଣଙ୍କୁ କୋଣସି କୃତି ଭଲ ଲାଗେ ତା'ହେଲେ ସଂପୃକ୍ତ କୃତିର କର୍ତ୍ତାଙ୍କୁ ନିଜ ତରଫରୁ ଧନ୍ୟବାଦ ବାର୍ତ୍ତା ଏବଂ ଅଭିନନ୍ଦନ ପଠାନ୍ତୁ। ଯଦି ଆପଣ ଚାହୁଁଛନ୍ତି, ତେବେ ଆମେ ଆପଣଙ୍କ ପତ୍ର ସେହି ଲେଖକ କିମ୍ବା ଲେଖିକାଙ୍କ ପାଖକୁ ପଠାଇଦେବୁ। ଆପଣ ନିଜର ସୁଚିନ୍ତିତ ମତାମତ ଆମକୁ ଇ-ମେଲ ମାଧ୍ୟମରେ କିମ୍ବା ପତ୍ରଦ୍ୱାରା ପ୍ରେରଣ କରିପାରିବେ।

Our Group Address:
http://groups.google.com/group/aahwaan
Our Website:
http://www.freewebs.com/aahwaan
Earn while you learn:
http://www.freewebs.com/ebizel